GOVERNMENT OF INDIA
NATIONAL LIBRARY, CALCUTTA

Or

Class No. 891.451

Book No. P 316C

N. L. 38.

MGIPC—S8—21 LNL/59—25-5-60—50,000.

CHINTA DEVI

BY

Adikanda Panda
Taliha-Rambag,
Jajpur.

ଚିନ୍ତାଦେବୀ ।

ଶ୍ରୀ ଆଦିକନ୍ଦ ପଣ୍ଡା ପ୍ରଣୀତ
ଓ
ପ୍ରକାଶିତ ।

ପ୍ରଥମ ସଂସ୍କରଣ ।

Printed by B. S. Das.
Mukur Press
CUTTACK.
1921.

Price 6 annas. ମୂଲ୍ୟ ୦ ।୵

ଉତ୍ସର୍ଗ ।

ପରମ ମାନନୀୟ ଶ୍ରଦ୍ଧେୟାସ୍ପଦ ନିଖିଳଗୁଣ ନିଧାନ ମୟୂରଭଞ୍ଜାଧୀଶ୍ୱର,

ଶ୍ରୀଳ ଶ୍ରୀଯୁକ୍ତ ମହାରାଜ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ ମହୋଦୟଙ୍କ

ଶ୍ରୀକର କମଳେଷୁ:—

ସଭକ୍ତି ନିବେଦନ ମିଦଂ ।

ଶ୍ରୀମନ୍ ମହାରାଜ,

'ଚନ୍ଦ୍ରାଦେବୀ' ରଚନା ଉଦ୍ୟତ ହେବାଦିନରୁ ମୁଁ ଶ୍ରୀଛାମୁଙ୍କ ପବିତ୍ର-କୀର୍ତ୍ତିକାନ୍ତିତ ନାମରେ ସେହି କାବ୍ୟ-କୁସୁମଟି ଉତ୍ସର୍ଗ କରିବା ନିମନ୍ତେ ମନ-ପ୍ରାଣ ସମର୍ପଣ କରି, ଯେ ଉଚ୍ଚାଭିଳାଷ ମୋର ହୃଦୟରେ ପୋଷଣ କରିଥିଲି, ତାହା ଆଜି ସେହି ମହତ୍ କାର୍ଯ୍ୟରେ ପରିଣତ ହୋଇଅଛି । ଶ୍ରୀଛାମୁଙ୍କ ୰ସ୍ୱର୍ଗୀୟ ପିତାଙ୍କର ଦରିଦ୍ର-ଅସହାୟ ଉତ୍କଳ ପ୍ରତି ଯେ ଉତ୍କଳ-ଭାଷାନୁରାଗ, ସାହିତ୍ୟରସିକତା ଏବଂ ଗ୍ରାହକତା, ସେ ବିଷୟ ଉତ୍କଳବାସୀ ମାତ୍ରେହିଁ ଅବିଦିତ ନାହିଁ । ମୋହର ସେ ବିଷୟରେ ପୂର୍ବରୁ ଯେ ଅଭିଜ୍ଞତା ଥିଲା, ତାହା ଆଜି ଶ୍ରୀଛାମୁଙ୍କ ଗଦିସୀନ କାଳରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି । ସମ୍ପ୍ରତି ଶ୍ରୀଛାମୁଙ୍କର ଅଦମ୍ୟ-ଉତ୍ସାହ ଓ ଆନୁକୂଲ୍ୟରେ ଓଡ଼ିଆ-ଭାଷା-ଉନ୍ନତି-କଳ୍ପେ ଯେ ଯେ ପୁଣ୍ୟ କର୍ମ୍ମମାନ ସାଧିତ ହେଉଅଛି, ତହିଁରୁ ଶ୍ରୀଛାମୁଙ୍କର ପବିତ୍ର-ଗୌରବ ଭାବର ବିଶେଷ ପରିଚୟ ମିଳୁଅଛି ଏବଂ ପୁଣି ଗୁଣଗ୍ରାହୀ ରାଜନ ବୋଲି ଉତ୍କଳ-ଜନନୀ-ମୁଖ ଉଜ୍ଜ୍ୱଳ

କରୁଅଛନ୍ତି । ଏପରି ବିଦ୍ୟୋତ୍ସାହୀ ବହୁସଦ୍‌ଗୁଣ ସମ୍ପନ୍ନ ରାଜାଙ୍କ ସନ୍ତୋଷାର୍ଥ ପୂଜା-ସମ୍ମାନ ମୋହର ନିତାନ୍ତ କର୍ତ୍ତବ୍ୟ; ପୂଜା ଏବଂ ସମ୍ମାନରେ ଭକ୍ତି ଆବଶ୍ୟକ । ସୁତରାଂ ସେହି ଭକ୍ତିରେ ପ୍ରଣୋଦିତ ହୋଇ ମତ୍‌ ପ୍ରଣୀତ 'ଚନ୍ଦ୍ରାଦେବୀ' ନାମ୍ନୀ କ୍ଷୁଦ୍ର-କାବ୍ୟ-କୁସୁମଟି ନବ୍ୟ-ଉତ୍କଳ-ସାହିତ୍ୟ-କାନନରୁ ସଂଗ୍ରହ କରି, ମାଦୃଶ ନିଃସ୍ୱ ଭକ୍ତର ସ୍ୱାଭାବିକ ଓ ଆନ୍ତରିକ ଭକ୍ତିର ନିଦର୍ଶନ ସ୍ୱରୂପ ଶ୍ରୀମହାରାଜଙ୍କ କର କମଳରେ ଅର୍ପଣ କଲି । ସାଦରେ ପାଠ କରି, ଏହି କ୍ଷୁଦ୍ର କାବ୍ୟ ଲେଖକର ବ୍ୟସ୍ତଭଙ୍ଗି ସମ୍ବନ୍ଧେ ବଦନ କଲେ ଚରିତାର୍ଥ ହେବି । ଇତି ।

ଶ୍ରୀଷ୍ଟମୁଙ୍କର

। ମୁ । ତଳଦା, ଯାଜପୁର । ତା ୧୦-୬-୨୧ ମସିହା	ଉନ୍ନତାକାଙ୍କ୍ଷୀ, ଅଶ୍ରିତ ସେବକ ଶ୍ରୀ ଅଦବଧ ପଣ୍ଡା ।

ଭୂମିକା ।

'ଚନ୍ଦ୍ରା'ର ଗ୍ରନ୍ଥକାର ମୋତେ ଏ ପୁସ୍ତକର ପାଣ୍ଡୁଲିପି ଅମୂଳ ଅବଲୋକନପୂର୍ବକ ଭୂମିକା ଲେଖିବାପାଇଁ ଅନୁରୋଧ କରିଥିଲେ; କିନ୍ତୁ ମୁଁ କେବେ କୌଣସି ଗ୍ରନ୍ଥର ଭୂମିକା ଲେଖି ନାହିଁ । କାବ୍ୟ-ରଚୟିତାଙ୍କ ପରି ଭୂମିକା ଲେଖକ ମଧ୍ୟ ନୂତନ । ସୁତରାଂ କଣ ଲେଖିବି । କିଛି ସ୍ଥିର କରି ପାରୁନାହିଁ ।

ଆଜି କାଲି ଉତ୍କଳସାହିତ୍ୟ ରାଜ୍ୟରେ କାବ୍ୟର ଅଭାବ ନାହିଁ । କୌଣସି କୌଣସି କବିଙ୍କର ଅଜସ୍ର ମୌଳିକ ଲେଖନୀ ପ୍ରସାଦରେ ଉପର୍ଯ୍ୟୁପରି କାବ୍ୟ-କୁସୁମ ଫୁଟି ଉଠୁଅଛି । ଅନେକ କବି ଯଶଃପ୍ରାର୍ଥୀ ହୋଇ କାବ୍ୟଲେଖିବାକୁ ପ୍ରୟାସ କରୁଥିବା ମଧ୍ୟ "ଏ ଦେଶ ରୀତି ଓଡ଼ିଶା"ରେ ବିରଳ ନୁହେ । ଏହିପ୍ରକାରି ନବୋଦିତ କାବ୍ୟାବଳୀ ମଧ୍ୟରେ ଅତ୍ୟଳ୍ପ କାବ୍ୟ ଅଧିକକାଳ ସ୍ଥାୟୀ ହେବାର ବିଶ୍ୱାସ କରାଯାଏ । ଯେଉଁ କାବ୍ୟ କୋମଳକାନ୍ତ ପଦାବଳୀରେ, ଭାବର ଓ ପାଠକ ଚିତ୍ତରଞ୍ଜନୀଶକ୍ତିରେ, ତାହାହିଁ ତାହାହିଁ କାବ୍ୟ ବିଷୟ ଗୌରବରେ ଖ୍ୟାତି ଲାଭ କରିଥାଏ । ତନ୍ମଧ୍ୟରେ ଏହି 'ଚନ୍ଦ୍ରା'—କାବ୍ୟ ଖଣ୍ଡି ଶେଷୋକ୍ତ ଶ୍ରେଣୀର ଅନ୍ତର୍ଗତ । ଏହା କବିତ୍ୱ—ମର୍ଯ୍ୟାଦାରେ ଶ୍ରେଷ୍ଠ ହେଉ ନ ହେଉ ବିଷୟ—ମହିମାରେ ଉଚ୍ଚସ୍ଥାନ ଅଧିକାର କରିପାରିବ । 'ଚନ୍ଦ୍ର'—'ଶ୍ରୀବତ୍ସ'ଙ୍କର ମଧୁମୟ ପୁଣ୍ୟଚରିତ ସମ୍ୱାଦର ଚରିତୋତ୍କର୍ଷ ବିଧାନରେ ଯେତେଅଛି ସହାୟ ହେବ ଏଥିରେ ସଂଶୟ ନାହିଁ । ଲକ୍ଷ୍ମୀ ଏବଂ ଶନିଙ୍କର ବିବାଦ ମୀମାଂସା କରି ଯେତେବେଳେ ପୁଣ୍ୟଶ୍ଲୋକ ରାଜା 'ଶ୍ରୀବତ୍ସ'ଙ୍କ ଉପରେ ପଡ଼ିଲା, ସେତେବେଳେ ସେ ବୁଦ୍ଧିମତୀ ସହଧର୍ମିଣୀ ଚନ୍ଦ୍ରାଦେବୀଙ୍କ ସୁପରାମର୍ଶାନୁସାରେ ଅତି କୌଶଳରେ ସେ ଦୁଇ ସୁରଲୋକ ବାସୀଙ୍କର 'ଆସନବିଭ୍ରାଟ' ମେଣ୍ଟାଇ ଦେଇଥିଲେ । ସ୍ତ୍ରୀଠାରେ ଶନିଙ୍କର ନ୍ୟୂନତା

ଭୂମିକା ।

ପତିପାଦତ ହେବାରୁ ସେ 'ଶ୍ରୀବତ୍ସ'ଙ୍କ ପ୍ରତି କୋପ ଦୈବବଶ ହୋଇ ଦ୍ୱାଦଶବର୍ଷକାଳ ତାହାଙ୍କୁ ନାନା ବିପଦ ବିସମ୍ବାଦରେ ନିକ୍ଷେପ କରିଥିଲେ । ସେହି ଦୀର୍ଘକାଳବ୍ୟାପୀ ଦୁର୍ବିପାକରେ ଉକ୍ତ ଧର୍ମନିଷ୍ଠ ରାଜଦମ୍ପତି କିପରି ଅସାଧାରଣ ଧୈର୍ଯ୍ୟ ସହକାରେ ସମସ୍ତ କ୍ଲେଶରାଶି ସହି ସ୍ୱଧର୍ମ ରକ୍ଷାକରି ପାରିଥିଲେ, ତାହା ପ୍ରତ୍ୟେକ ଗୃହସ୍ଥ ନିକଟରେ ଶିକ୍ଷୋପଯୋଗୀ ଉପାଦେୟ ବସ୍ତୁ । ଗ୍ରନ୍ଥକାର ଏ ବିଷୟଟି ସମାଜ ସମ୍ମୁଖରେ ଉପସ୍ଥାପିତ କରି ଧନ୍ୟବାଦାର୍ହ ହୋଇଅଛନ୍ତି । ଏହି କାବ୍ୟ ରଚୟିତା ଶ୍ରୀମାନ୍ ଆଦିକନ୍ଦ ଦଣ୍ଡା ଜଣେ ଉଦୀୟମାନ ଉଦ୍ଦୀପ୍ତଲେଖକ । ଏଥିପୂର୍ବରୁ ତାଙ୍କର ପ୍ରଥମ ରଚିତ 'ସ୍ରୋତ' ନାମ୍ନୀ ପୁସ୍ତିକା ଖଣ୍ଡି ଦେଖିଥିଲୁଁ । ଏ 'ଚିନ୍ତା'-କାବ୍ୟରେ ତାଙ୍କର ସେ ଶକ୍ତି ଅନେକ ପରିମାଣରେ ବିକାଶଲାଭ କରିଅଛି । ଅଧିକନ୍ତୁ ବୀରୁ ଲକ୍ଷ୍ମୀଭଜନରେ ନିଷ୍ଟନ୍ତ ନ ଥାଇ ପବିତ୍ର ସାରସ୍ୱତ ସାଧନାରେଁ ମନ ବଳାଇଅଛନ୍ତି, ଏହା ଅବଶ୍ୟ ଆଶାର କଥା ।

ଏ କାବ୍ୟର ସମାଲୋଚନା କରିବାର ପ୍ରୟୋଜନ ନାହିଁ । ତାହା କେବଳ ପାଠକମାନଙ୍କର ରୁଚିଉପରେ ନିର୍ଭର କରେ । କାବ୍ୟଟି ଏକାଦଶ ସର୍ଗରେ ବିଭକ୍ତ ଏବଂ ଅମୃତକାନ୍ତ 'ବଙ୍ଗଳାଶ୍ରୀ' ରାଗରେ ଲିଖିତ ହୋଇଅଛି । ଏଥିର ଭାଷା ପ୍ରାଞ୍ଜଳ ହୋଇଅଛି । ନବୀନ ଲେଖକଙ୍କର ଚିନ୍ତା ଏହି 'ଚିନ୍ତା' କାବ୍ୟରେ ଉନ୍ନତି ଲାଭ କରି ଏଣିକି ନୂତନ ନୂତନ ଭାବରେ ଦେଖାଦେଉ ଏହାହିଁ କାମନା କରି ଏହି ଗ୍ରନ୍ଥର ଭୂମିକା ସାଙ୍ଗ କଲି ।

ଶ୍ରୀ ମୃତ୍ୟୁଞ୍ଜୟ ରଥ, ଏମ୍, ଅର୍, ଏ, ଏସ୍ ।
ଟ୍ରେନିଂ ସ୍କୁଲ, କଟକ ।

ଚମ୍ପାଦେବୀ ।

ପ୍ରଥମ ସର୍ଗ ।

(ରାଗ—ବଙ୍ଗଳାଶ୍ରୀ)

କ୍ଷିତି-"ଚିତ୍ରସେନ" ଗନ୍ଧର୍ବ-ରଞ୍ଜନ
ପାଳନ୍ତି ସୁଖେ ପରଜା,
ତାଙ୍କ ରାଜପୁରୀ ଇନ୍ଦ୍ରପୁରୁଁ ବଳି
ଦିଶୁଥାଏ କି ସୁସଜ୍ଜା !
ପ୍ରାସାଦ-ଶିଖରେ ହୀରା-ମରକତ
କାନ୍ତି ସଦା ଝଟକଇ,
ଅନ୍ତକେ ପାନ୍ଥର ହରଇ ନୟନ
ସେ ଶୋଭା କଳି ନୁହଇଁ ।
ପୂର୍ଣ୍ଣିମା ନିଶୀଥେ ଯେସନେ ସିନ୍ଧୁ-ଊର୍ମି
ଖେଳଇ ଉଲ୍ଲାସଭରେ,
ପୁଲକିତ ହୁଏ ତେସନେ ପାନ୍ଥ-ହୃଦ
କି ଉପମା ତହିଁପରେ ?

"ଚନ୍ଦ୍ରା" ନାମେ ତାଙ୍କ ଦୁହିତା ଗୋଟିକ
ସର୍ବଗୁଣେ ଭୂଷିତା,
ଦେଖିଲେ ନିମିଷେ ଦର୍ଶକଙ୍କ ହୃଦୟୁଁ
ଦୂରହୋଇଯାଏ ଚିନ୍ତା ।
ଜନକ-ଜନନୀ ସ୍ନେହଭରେ ତାଙ୍କୁ
ବଢ଼ାଉଥିଲେ ଯତନେ,
ଶଇଶବ ଅନ୍ତେ ବାଲ୍ୟ ପ୍ରବେଶନ୍ତେ
ଖେଳନ୍ତି କେତେ ରତନେ ।
ସଖୀଗଣ ସଙ୍ଗେ ରଚି ଧୂଳି ଖେଳ
ହରଷେ ହୁଅନ୍ତି ଭୋଳ,
ନବ ନବ କ୍ରୀଡ଼ା ଦରଶନେ ତାଙ୍କୁ
ଜଣି କରୁଥାଇ ଗୋଳ ।
ସତୀ—ପାତିବ୍ରତ୍ୟ— ମହିମା ବଖାଣି
ସଖୀଙ୍କି ଏକାନ୍ତେ ଭଣେ,
"ଭର୍ତ୍ତୃ-ନିୟମାଦ ନ କର ଲଙ୍ଘନ
ଭଜ ପତି ନାରାୟଣେ ।"
ସତୀ—ଦମୟନ୍ତୀ ସୀତା-ସାବିତ୍ରୀଙ୍କ
କାହାଣୀ ଶୁଣନ୍ତି ନିତ୍ୟ,
ଗୁଣି ଗୁଣି ତାଙ୍କ ଧର୍ମ-କର୍ମ-ବ୍ରତ
ପାଳନ୍ତି ସେ ହୃଷ୍ଟ ଚିତ୍ତେ ।
ଥରେ ଶୁଣି କଥା ନ ଯୁରେ ଅଗା
ବଳାଏ ଆନ ଥରକୁ,
ମନେ ମନେ ଭଜି ଅଶ୍ରୁ ବାରି ତାଙ୍କ
ପ୍ରକ୍ଷାଳଇ ଅନ୍ତରକୁ ।

ମାତାଙ୍କୁ ବୋଲଇ, — "ଆଦର୍ଶ-ରମଣୀ
ତୁମ୍ଭେ ସତୀ-ଶିରୋମଣି,
ତୋ ଶୁଭ ଆଶିଷ ବତର, ଜନନି !
ହେବି ମୁଁ ପୁଣ୍ୟ ରମଣୀ ।"
ଦୀନ-ହୀନ-ଜନ- ଆରତ ଦେଖିଲେ
ହୁଅଇ ସେ ବିଷାଦିନୀ,
ପ୍ରାଣପଣେ ସେବା- ପ୍ରବଣା ହୁଅଇ
ଦୁଃଖି-ଦୁଃଖ-ନିବାରିଣୀ ।
ପରାର୍ଥେ ଦୁଃଖିନୀ ପର ସୁଖାର୍ଥିନୀ
ବହଇ ସଦା ଜୀବନ;
ପର ଉପକାର କରିବାପାଇଁ ସେ—
ବଳାଏ ସନ୍ତତ ମନ ।
କୈଶୋର ସମୟ ପ୍ରବେଶି ସର୍ଯୀରେ
ଦେଖାଇଲା ମାଧୁରିମା,
ବାଲ୍ୟ-ଚପଳତା ଦୂର ହୋଇଗଲା
ବଢ଼ିଲା ଲଜ୍ଜା-ଧୀ-ସୀମା ।
ବଧୂ-ମୁଖୀ-'ଚନ୍ଦ୍ରା' ବଧୂଠାରୁ ବଳି
ସ୍ନିଗ୍ଧ-ସୁଧା ସିଞ୍ଚୁଥାଏ,
ତା ଲଭି ବସୁଧା ରୋମାଞ୍ଚିତ ହୋଇ
"ସତୀ-ଶିରୋମଣି" ଗାଏ ।
ଧରମ-କରମ ସୁମରିଣ ନିତ୍ୟେ
ବ୍ରତ ନିୟମ ପାଳିଲା,
ଦିବା- ନିଶି ଭକ୍ତି- ଭରେ-ପିତା-ମାତା
ସେବା ଶୁଶ୍ରୂଷା କରିଲା ।

ପିତା-ମାତା-ସୁଖ— ଯାଇଁ ବ୍ରତ ହେଲା
ନିଜପ୍ରାଣେ ଦେଇ କଷ୍ଟ,
ପର-ଦ୍ରବ୍ୟ-ମାନ ଆପଣାର ମଣି
ନ କରଇ କେବେ ନଷ୍ଟ ।
'ଚିନ୍ତା'ର ବିବାହ ବୟସ ଅସିଲା
ଜନନୀ ଚିନ୍ତା ବଢ଼ିଲା,
ବରଘର ଲୋଡ଼ ଘଟକ ପ୍ରବର
ଦେଶ ବିଦେଶେ ବୁଲିଲା ।

ଦ୍ୱିତୀୟ ସର୍ଗ ।

ରାଜାଙ୍କ ଘଟକ   ଖୋଜିଣ ଅନେକ
ନ ପାଇଲେ ସୁଧୀ ପାତ୍ର,
ଚନ୍ଦ୍ରରଥ ରାଜା-   ରାଜ୍ୟକୁ ଚଳିଲେ
ଦେଖି ବର ଏକ ମାତ୍ର ।
ଥିଲେକ ତାଙ୍କର   "ଶ୍ରୀବତ୍ସ" ନାମରେ
ରୂପବନ୍ତ ସୁ-ତନୟ,
ଘଟକ ଦେଖିଣ   ମୋହିତ ହୋଇଲେ
ଦେଲେ ତାଙ୍କୁ ପରିଚୟ ।
ସ୍ୱଭାବ—ଚରିତ୍ର   ରାଜ କୁମାରର
କଲେ ସେ ଅନୁସନ୍ଧାନ,
ରୂପ-ଗୁଣ ଦେଖି   ହୃଦୟେ ଚିନ୍ତିଲେ
'ଚିନ୍ତା'ର ପତି ସମାନ ।
ଚନ୍ଦ୍ରରଥ ପାଶେ   ବିବାହ ପ୍ରସଙ୍ଗ
ଭାଷିଲେ କେତେ ଅଧିକେ,
କଥା ପ୍ରସଙ୍ଗରେ   'ଚିନ୍ତା'-ରୂପ-ଗୁଣ
ବର୍ଣ୍ଣିଲେ ଯେତେ ସକଳେ ।
ରାଜା ଚନ୍ଦ୍ରରଥ   ସହାସ୍ୟ ବଦନେ
ଦେଲେ ସନମତି ଗିର,
ଘଟକ ସହିତେ   ଘଟକ ପଠାଇ
ଶୁଭ ଦିନ କଲେ ସ୍ଥିର ।

ଆଗୁଁ ଚନ୍ଦ୍ରସେନ ବିବାହ ସାମଗ୍ରୀ
କରିଥିଲେ ଆୟୋଜନ,
ଦୂତଠୁଁ ଶୁଣିଲେ ଶୁଭ ପରିଣୟ
ହୋଇବ ନିଶ୍ଚେ ସମ୍ପନ୍ନ ।
ଫୁଲ ମାଳା ବେଶ ଘଟ ସଜ ହେଲା
ଉଡ଼ିଲା ଧ୍ୱଜ ଅମ୍ବର,
ରାଜ ଯାନରେ ଚହଳ ପଡ଼ିଲା
ପରିଣୟ ଜେମାଙ୍କର ।
ତୋରଣେ ଓଡ଼ାରଣେ ନହବତ ବସି
ବାଜିଲା ମଙ୍ଗଳ ଡଙ୍କା,
ଗାନ-ନର୍ତ୍ତନ ଆମୋଦ-ପ୍ରମୋଦେ
ମେଣ୍ଟିଲା ସବୁର ଦକା ।
ରାଜା ଚନ୍ଦ୍ରରଥ ବହୁ ଆଡ଼ମ୍ବରେ
ବର ଯାତ୍ରା ଆରମ୍ଭିଲେ,
ବୀର 'ଶ୍ରୀବତ୍ସ'ଙ୍କୁ ବର ସାଜେ ସାଜି
ଯଥାକାଳେ ସେ ଚଳିଲେ ।
'ଚନ୍ଦ୍ରସେନ' ତାଙ୍କୁ ଆପ୍ୟାୟିତ-ଚିତ୍ତେ
କଲେକ ଅଭିନନ୍ଦନ,
ଆସନ ଭୋଜନ ନାନା କର୍ମମାନ
ହେଲା ସବୁ ଆୟୋଜନ ।
ଯଥା ସମାରୋହେ ବିବାହ କରମ
ହୋଇଲା ଉଭୟ ମଧ୍ୟେ,
ନାୟକ-ନାୟିକା କ୍ଷୀର ନୀର ପରି
ମିଳିଗଲେ ମନ ମଧ୍ୟେ ।

ମନର ମିଳନ ମନରେ ପଶିଲେ
ମନ କି ଛୁଅଇ ଆନ ?
ଧନ-ଯଉବନ ବିଷୟ-ବାସନା
ପ୍ରତି, ନରହେତ ଧ୍ୟାନ ।
ସୁଧା, ଧବଳିମା ହଳଦିର ରଙ୍ଗ
ସଙ୍ଗେ କି ହେବ ସମାନ ?
ଦୁହେଁ ମିଶିଗଲେ ଅନ୍ୟ ରଙ୍ଗ ଘଟେ
ଦେଖ ହୋଇ ସାବଧାନ ।
ବିବାହ ବନ୍ଧନ ଘଟଇ ଯେସନ
ଜିଏ କେଉଁଅଢ଼େ ଥାଏ,
ବିଧାତା ପୁରୁଷ ଖେଳା-ଲୀଳା ବୋଲି
କିଏ କେଉଁଅଢ଼େ ଯାଏ ?
ବିବାହ ମିଳନ ପ୍ରାଣର ମିଳନ
ମିଳନ ଇହ-ପରରେ,
ଭବ-ମୋହ-ମାୟା ଏହାପରୁ ସିନା
ଲାଗିଥାଇ ଏ ଭବରେ ?
'ଚନ୍ଦ୍ରା' ସେବାଫଳେ 'ଶ୍ରୀବତ୍ସ' ହୃଦୟ
ତରଳି ଗଲାଣି କେତେ ?
ତାର ଅଭିମତେ ମତ ଦେଇ ଏବେ
କହୁଥାଇ କଥା ଯେତେ ?
'ଶ୍ରୀବତ୍ସ' ଆଦେଶ ବେଦ-ବାକ୍ୟ ମଣି
ପକାଇ ନଦିଏ ତଳେ,
ପତି ଦୁଃଖେ ଦୁଃଖୀ ପତି-ସୁଖେ ସୁଖୀ
ହୋଇ, ଚଳଇ ସବୁଳେ ।

ଚନ୍ଦ୍ରାଦେବୀ ।

ରାଜା ଚନ୍ଦ୍ରରଥ   ପୁତ୍ର-ବଧୂ ଘେନି,
ଚଳିଲେ ନିଜ ଭୁବନ,
ରାଜ୍ୟ ପ୍ରବେଶିଣ   ପ୍ରାସାଦ ମଣ୍ଡିଣ
କରିଲେ ଶୋଭା ବର୍ଦ୍ଧନ ।
ଶୋକେ 'ଚନ୍ଦ୍ରସେନ'   ମହର୍ଷୀ ସହିତେ
ହେଲେ ଶୋକ ଜର ଜର,
'ଚନ୍ଦ୍ରା'ଟି ଆମର   ଦୁଃଖର ସଙ୍ଗାଳ
କରିଗଲା ଶୂନ୍ୟ ଘର ।
ସନ୍ତବ ପ୍ରବର   ରାଜ ଦମ୍ପତିଙ୍କି
ସାନ୍ତ୍ୱନା ଦେଲେ ହୃଦୟେ,
'ଚନ୍ଦ୍ରା' ପାଇଁ ଆଉ   କାହିଁ ଚିନ୍ତାକର
ବାହୁଡ଼ିବ ସେ ସମୟେ ?
ପରିଣୟ ଅନ୍ତେ   ଶ୍ୱଶୁର ସଦନେ
'ଚନ୍ଦ୍ରା' ସୁଖେ କାଟେ ଦିନ,
ରାଜ ଭବନର   କୁଳ-ବଧୂ ରୂପେ
ପ୍ରାସାଦ ପୀଠ ମଣ୍ଡିଣ ;
ଶାଶୁ-ଶ୍ୱଶୁରଙ୍କ   ସେବା-ଶୁଶ୍ରୂଷାରେ
ରତ ଥାଏ ନିଶି-ଦିନ,
ସରବେ ମୋହିତ   ହୁଅନ୍ତି ଦେଖିଣ
ନ ଥାଏ ତାର କେ ଭିନ୍ନ !
ଭଲ ଭାଷା ଭାଷି   'ଶ୍ରୀବତ୍ସ' ଅନ୍ତର
ମୋହିତ କରଇ ନିତ୍ୟେ,
ମୁହୂର୍ତ୍ତେ 'ଶ୍ରୀବତ୍ସେ'   ନ ଦେଖିଲେ ଚନ୍ଦ୍ରା
ବଣା ହୁଏ କ୍ଷୁବ୍ଧ ଚିତ୍ତେ ।

ଦାସ-ଦାସୀଗଣ 'ଚନ୍ଦ୍ରା' ସ୍ନେହ ଗୁଣେ
ସଦା ଥାନ୍ତି ଅନୁଗତ,
ତାର କଥା କେବେ ନ ପକାଇ ତଳେ
ସେବୁଥାନ୍ତି ମନୋମତ ।
ଦୀନ-ଦୁଃଖୀ-ଅନ୍ଧ— ଆତୁର ଜନଙ୍କ
'ମାତୃ ରୂପେଣ ସଂସ୍ଥିତା,
ମାତା ମାତା ବୋଲି ଆକୁଳେ ସକଳେ
ଡାକନ୍ତି "ରକ୍ଷ ମା 'ଚନ୍ଦ୍ରା' !"
ଅସ ଗୋ ଜନନ ! ନିବାରନ୍ତୁ କ୍ଷୁଧା
ଫେଡ଼ଣ ଦୁଃଖ ଆମ୍ଭର !
ଏହା ଶୁଣି 'ଚନ୍ଦ୍ରା' ଦୂର କର ଚିନ୍ତା
ହୁଅଇ ଦୟା-ସାଗର ।

ତୃତୀୟ ସର୍ଗ ।

କଷ୍ଟୁଦନ ଅନ୍ତେ   ଘନା ମେଘେ ଯେହ୍ନେ,
ପଡ଼ିଲା ଆସି କୁଳିଶ,
ବୃଦ୍ଧ ଦଶରଥ   ତେଢେ ପ୍ରସ୍ତରଲେ
"ସଂସାର-ବିଷୟ-ବିଷ ।"
'ଚନ୍ଦ୍ରା'-'ଶ୍ରୀବତ୍ସଙ୍କୁ'   ଡକାଇ ସ୍ୱ-ପାଶେ
ସମର୍ପିଲେ ରାଜ୍ୟ-ଦେଶ,
ସିଂହାସନ ତ୍ୟାଗୀ—   ହୋଇ ରାଜା-ରାଣୀ
ଧରଲେ ସନ୍ନ୍ୟାସୀ-ବେଶ ।
ଭେଜି ଅରାଧନା   ମୂଳକର ଅଗେ
ଚଳିଲେ ବନ ପ୍ରଦେଶ,
ସଂସାରର ମାୟା—   ମମତା ତେଜିଣ
ଛାଡ଼ିଲେ ସାମ୍ରାଜ୍ୟ-ଦେଶ ।
ପୁଣ୍ୟବତୀ 'ଚନ୍ଦ୍ରା'   ଶାଶୁ-ଶ୍ୱଶୁରଙ୍କ
ପଦତଳେ ଲୋଟି କହିଲେ,
ନ ଯାଅ ଗୋ-ମାତଃ; ନ ଯାଅ ହେ ପିତଃ,
ନ ଛାଡ଼ ଆମ୍ଭଙ୍କୁ ହେଲେ !
ଘରେ ବସି ତୁମ୍ଭେ   ଭଜ ହରିନାମ
ଶୁଦ୍ଧ କରି ପ୍ରାଣ-ମନ,
ଏ ପାପିନୀ-ଦାସୀ   ନିତି ପଦ-ସେବା
ସୁଲୁତେ ଚାଳିବ ମନ ।
ପୁଙ୍ଗାନୀ-'ଶ୍ରୀବତ୍ସ'   ପିତୃ-ମାତୃ-ପଦେ
ବହୁ ଅନୁନୟ କଲେ,

ସଫଳ ହୋଇଲା   ସକଳ ଯତନ
    ହରଷେ ଗୃହକୁ ଗଲେ ।
ଏଥିଅନ୍ତେ ରାଜା-   ରାଣୀ ବନେ ଚଳି
    ବିଭୁଙ୍କ ନାମ ଜପିଲେ,
ମନ ଯେତେ ବାଞ୍ଛା-   ପୂର୍ଣ୍ଣ ହେଲା ପୁଣି
    ପରମ ଗତି ଲଭିଲେ ।
ଦିନ ଦିନ ହୋଇ   ବିତିଗଲା କେତେ
    ରାଜା 'ଶ୍ରୀବତ୍ସଙ୍କ' କାଳ,
ଖ୍ୟାତି-ପ୍ରତିପତ୍ତି   ଚଉଦିଗନ୍ତେ ବ୍ୟାପି
    ବଢିଲା ପ୍ରଶଂସା-ମାଳ ।
'ଚିନ୍ତା'-ଦୟା-ମାୟା-   ସ୍ନେହ-ମମତାରେ
    ପୂରଇ ରାଜ୍ୟ-ନଗର,
ଦାନ-ଧର୍ମ୍ମେ, ଦୀନ-   ଦୁଃଖୀଙ୍କର ଦୁଃଖ-
    ମୋଚନେ ମିଳଇ ବର;
ଧରମ-କରମେ   ରାଜା-ରାଣୀ ଦୁହେଁ
    କେ ନୁହନ୍ତି କା'ଙ୍କୁ ସାନ !
କେହି ନ ଜିତଇ   ନ ହାରଇ କେହି
    ଏକକୁ ଆର ସମାନ !
'ଶ୍ରୀବତ୍ସ' ଏକଇ   ଯଜ୍ଞ ଆରମ୍ଭିଲେ
    ପବିତ୍ର କଲେ ଭାରତ,
'ଚିନ୍ତା' ଶେଷେ "ଭୂରି-   ଦକ୍ଷିଣ-ବ୍ରତ"
    କଲେ ଦେଇ ଦୃଢ଼ ମତ ।
ଆଉ ଏକ "ଯଜ୍ଞ"   ଆରମ୍ଭି 'ଶ୍ରୀବତ୍ସ'
    ରଖିଲେ ଅମର ନାମ,
ତାହାପରେ 'ଚିନ୍ତା'   "ମହାଦାନ-ବ୍ରତେ"
    କଇଲେ ଦଶଦ୍ଧ ଧାମ ।

ଛତ୍ରମୃଙ୍କ ଦାନେ ରାଜ୍ୟ ପରଜାଏ
ନୋହିଲେ କେ ଦୀନ-ଦୁଃଖୀ,
ସତ୍ୟ-ଧର୍ମ ପାଳି ଚଳିଣ ସ୍ୱଚ୍ଛନ୍ଦେ
ସକଳେ ହୋଇଲେ ସୁଖୀ;
ଦେବଗଣ ଦେଖି ନ ସହିଲେ ଏହା
କୂଟ-କପଟ ପାଞ୍ଚିଲେ,
‘ଚନ୍ଦ୍ରା’ ‘ଶ୍ରୀବତ୍ସଙ୍କ’ ପରଖିବେ ମତ
ନିତ ନିତ କରଚଲେ ।
ମରତ୍ୟ-ମଣ୍ଡଳେ ‘ଶ୍ରୀବତ୍ସ’ ‘ଚନ୍ଦ୍ରା’ର
ନୁହଇ ଭଲେ ସୁନାମ,
ସ୍ୱର୍ଗେ ଦେବଗଣ ମୋହିତ ହୋଇଣ
ଦେଖନ୍ତି ତାଙ୍କର କାମ ;
ତାଙ୍କ ଦାନ ଧ୍ୟାନ ଧରମ-କରମ
ପଡ଼ିଲ ଦେବ—ସମାଜେ,
ସଦ୍ୟ ବସୁବନ୍ତି ତାଙ୍କର ବିଷୟ
ସେ ବିଷୟେ ସଭା ସାଜେ,
ନ୍ୟାୟ ବର୍ତ୍ତିବର୍ଥେ ଦେବତା-ସମାଜେ
ପ୍ରଶଂସନ୍ତି ତାଙ୍କୁ ସଦା,
କେତେ ଦେବତାଙ୍କ ବିବାଦ ମେଣ୍ଟାନ୍ତି
ନ କର ଅନ୍ୟାୟ କଦା ।
ସଦା ସୁଦୃଷ୍ଟିରେ ସୁଖେ ଦିନ ଯାପ
କରନ୍ତି ପ୍ରାର୍ଥି ସଫଳ,
ଅଧର୍ମ-ଅକର୍ମ ଲଙ୍ଘି ବେଦଜନ
ଲଭନ୍ତି ପୁଣ୍ୟ—ସୁଫଳ ।

ଚତୁର୍ଥ ସର୍ଗ ।

ଦିନେ ବୈକୁଣ୍ଠରେ 'ଲକ୍ଷ୍ମୀ' 'ଶନି' ମେଳେ
ହେଲା କଳହ ପିଶାଚୀ,
ଶ୍ରୀବତ୍ସ ରାଜ୍ୟକୁ ବିଚାର ପାଇଁ ସେ—
ଆସିଲେ ବୁଦ୍ଧିର ପାଶ ।
ଶନି କହୁଥାନ୍ତି "ମୁଁ ବଡ଼" "ମୁଁ ବଡ଼"
ବୋଲନ୍ତି ଲକ୍ଷ୍ମୀ "ମୁଁ ବଡ଼",
ବିଷମ ସମସ୍ୟା ଏହାର ମୀମାଂସା
କେ କରିବ କିଏ ବଡ଼ ?
ଦେବଗଣ ଯେତେକ ଆସି 'ଶ୍ରୀବତ୍ସ'ଙ୍କ
ପ୍ରାସାଦେ ହେଲେ ପ୍ରବେଶ,
ସେକାଳେ ରାଜନ ଧନ୍ଦେ ସ୍ୱାମୀନଙ୍କୁ
ଦେଖି ସେ ବହିଲେ କ୍ଲେଶ ।
କାଲି ଉତ୍ତରବେ ବୋଲି 'ଲକ୍ଷ୍ମୀ' 'ଶନି',
ଦେଲେ ତାଙ୍କୁ ସେ ବିଦାୟ,
ବିଷମ ଭାବନା ଭାବିଲେ ସେ ନୃପ
ନ ଦେଖି କିଛି ଉପାୟ ।
କି ଉତ୍ତର ଦେଇ ମେଣ୍ଟାଇବେ ବାଦ
ଭାବିହେଲେ ମନେ ମନେ !
'ଲକ୍ଷ୍ମୀ' ଛେଡ଼ ହେଲେ 'ଶନିର' ପ୍ରକୋପେ
ବାଧାହେବ ପ୍ରାଣେ ଧନେ ?

'ଶନି' ବକ୍ର ହେଲେ 'ଲକ୍ଷ୍ମୀଛଡ଼ା' ହୋଇ
ସର୍ବନାଶ ମୋର ହେବ;
କି ଉପାୟ ଲଭି ମୁକ୍ତ ହେବି ଏଥୁଁ ?
ଉଦ୍ଧାର କର ହେ ଦେବ-ଦେବ !

ସ୍ନାନ ଅନ୍ତେ ରାଜା ମ୍ଳାନ ମୁଖେ ଯାଇଁ
ବସିଲେ ଭୋଜନ ସ୍ଥାନେ,
ସ୍ୱାମୀ ପାଇଁ 'ଚନ୍ଦ୍ରା' ଭୋଜ ଉପଯୁରେ
ବାଢ଼ିଲେ ଅତି ଯତନେ ।

ସୁନାର ଥାଳୀଟିର ସୁନା ଗାଡୁଆରେ
ସାଜି ପଞ୍ଚାଶ-ବ୍ୟଞ୍ଜନ,
'ଚନ୍ଦ୍ରା' ପାଶେ ବସି ମୟୂର-ପଙ୍ଖାରେ
ଶୀତଳ କଲେ ବଦନ,
ଭୋଜନେ ରାଜାଙ୍କ ନ ଦେଖିଣ ରୁଚି
ହୋଇଲେ 'ଚନ୍ଦ୍ରା' ଚକିତ,
ବୋଲିଥିଲେ, "ନୃପତି ! କିପାଁ ନ ରୁଚଇ
କିସ ମନେ ମନେ ଚିନ୍ତ"?
ରାଜା, ରାଣୀ ପାଶେ ସକଳ ବିଷୟ
ବିମୁଖେ କଲେ ପ୍ରକାଶ,
ଶୁଣି ଶୁଣି ରାଣୀ ଅଶ୍ୱାସି ତାହାଙ୍କୁ
ଭୁଞ୍ଜାଇଲେ ଦେଇ ଆଶ ।
'ଚନ୍ଦ୍ରାଦେବୀ' ତାଙ୍କୁ ଦେଲେ ପରାମର୍ଶ
ମୁଖେ କିଛି ନ କହିବ ।
ଯାଇ ନିଜ କାମେ ଛଳ ସାନ ବଡ଼
ଯେତେକି ପ୍ରକାଶ ପାଇବ;

'ଚିନ୍ତା' ନୃପତିଙ୍କୁ ଗୋପନେ ଡକାଇ
କହିଲେ ଏହି ଉପାୟ,
ରାଣୀ ପରାମର୍ଶେ ଶାନ୍ତ ହେଲେ ରାଜା
ନହୋଇଣ ନିରୁପାୟ ।
'ଶ୍ରୀବତ୍ସ' ମନ୍ତ୍ରଣା- ସ୍ଥଳେ ପ୍ରବେଶିଣ
ପୁଛିଲେ ମନ୍ତ୍ରି ନିକରେ,
'ଲକ୍ଷ୍ମୀ' 'ଶନି' କଳି କେମନ୍ତେ ମେଣ୍ଟିବ
ଆମ୍ଭଙ୍କୁ ବୋଲ ସକଳେ ।
ଅମାତ୍ୟ-ପ୍ରବର ନପାଇ ଉତ୍ତର
ହେଲେ ତହିଁ ନିରୁତ୍ତର,
ନୃପ ତହୁଁ, ରାଣୀ- ମନ୍ତ୍ରଣା ବଖାଣି
ତୋଷିଲେ ତାଙ୍କ ଅନ୍ତର ।
ସର୍ବେ ମେଳ ହୋଇ କରତାଳି ଦେଇ
ଦେବୀ-ମତେ ମତ ଦେଲେ,
ରାଣୀର ଉଚିତ ପରାମର୍ଶ ଶୁଣି
ସର୍ବେ ଅପ୍ୟାୟିତ ହେଲେ ।

ପଞ୍ଚମ ସର୍ଗ ।

ଯାଇଲି ରଜନୀ ପିନ୍ଧି ନବ ଭୂଷା
ଦେଖା ଦେଲା ଉଷା-ରାଣୀ,
ଉଷାର ପ୍ରକାଶେ ପ୍ରାଚୀ ଭାଲ-ଘନ
ଚହଟିଲା କି ରଙ୍ଗେ ଅଣି ।
ସୁନା ଥାଳୀ ପରି ପ୍ରାଚୀ-କଲେ ରବି
ହରଷେ ହେଲେ ଉଦିତ,
ଖଗ-ଶ୍ରେଣୀ-କଣ୍ଠେ କଦଣା ପଟ୍ଟର
କୁଳ ସକଳେ ବିସ୍ମିତ !
ପୁରବାସୀ ଯେତେ ମନ୍ଦା ଭବନାରେ
ବସିଛନ୍ତି ପୋତି ମଥା,
କି କୁଷ୍ଟ-ନୃପଙ୍କ କିଏ ପାଶେ ବୋଲି
ମର୍ଣ୍ଣ କି ପିଟଇ କଥା !
ରାଜ୍ୟ-ପରଭାବେ ବର୍ଣ୍ଣନ୍ତି କଥାକୁ
କହିଲେ ଅପେକ୍ଷା କର,
କି ହେବ କି ହେବ ବୋଲି ଭୁଲୁଥାନ୍ତି
ଯବାନ୍ତଶି ଭର ମର !
ଏକତନ୍ତ୍ର ଆଗେ, 'ମାନବ ସମୀପେ
ହୋଇବ ଦେବ ବକ୍ସର',
ଆନନ୍ଦ 'ବସ୍ତୁରେ ଜପଲ ହୋଇବ
ବୁଝିବା କାହାର ସାଦ୍ଧ ?

ନଗରବାସୀଏ   ନ ପାନ୍ତୁ ଯାମିନୀ
ସାରିଲେ ସକଳ କାର୍ଯ୍ୟ,
ଅତି ତରତରେ   ରାଜ ସଙ୍ଗ ସାଙ୍ଗୀ
କରି ମନେ ଶିରୋଧାର୍ଯ୍ୟ ।
ଅଜ ରାଜସଭା   ଧରି ନବ ଶୋଭା
ପ୍ରକଟଇ ନବ ଭାବ,
ସିଂହାସନ ବେଢ଼ି—   ପାର୍ଶ୍ୱେ ମୁଖ୍ୟ ବେନ
ଆସନ ଲଭିଛି ଠାବ ।
ଦକ୍ଷିଣ ପାର୍ଶ୍ୱେ   ସୁବର୍ଣ୍ଣ ଆସନ
ମଣି ମାଣିକ୍ୟ ଖଚିତ,
ବାମ ପଟେ ପୁଣି   ରଜତ ଆସନ
ଉଜ୍ଜ୍ୱଳ ବର୍ଣ୍ଣ ରଞ୍ଜିତ;
ରାଜା ରାଣୀ ଦୁହେଁ   ସିଂହାସନେ ବସି
କରୁଛନ୍ତି ସଲ୍ଲକଥା,
ଏ ସମୟେ 'ଲକ୍ଷ୍ମୀ'   'ଶଶି' ପ୍ରବେଶିଣ
ନୁଆଁଇଲେ ତାଙ୍କ ମଥା ।
ଆସନ ତେଜିଣ   ରାଜା ରାଣୀ ବେନ
କଲେ ତାଙ୍କୁ ସମାଦର,
ନିଜ ନିଜ ସ୍ଥାନ   ଦେଲେ ଆଦରଣ
ବସିଲେ ଦୁହେଁ ସୁସ୍ଥିର ।
'ଲକ୍ଷ୍ମୀ' ସ୍ୱର୍ଣ୍ଣାସନେ   'ଶଶି' ରୌପ୍ୟାସନେ
ମଣ୍ଡିଲେ ସଭାଭବନ,
'ଚନ୍ଦ୍ରା' 'ଲକ୍ଷ୍ମୀ' ପାର୍ଶ୍ୱେ   ଶ୍ରୀବତ୍ସ 'ଶଶି'ର
ପାର୍ଶ୍ୱେ ବସିଲେ ନନ୍ଦନ ।

'ଶନି' ପଚାରିଲେ   କେ ବଡ଼ କେ ସାନ
କର ବିଚାର ନୃପତି ?
"ତୁମ୍ଭ ବିନା ଆଉ   ନାହିଁ କେ ଅମ୍ଭର
ତୁମ୍ଭେ ଅମ୍ଭ ନ୍ୟାୟ-ପତି ?"
ଏହା ଶୁଣି ରାଜା   ଶ୍ରୀବତ୍ସ ଭଷିଲେ,
"କରଯୋଡ଼ି ବିନୟରେ,
ଦେବତା ବିଚାର   ନୋହେ ଆମ୍ଭ ପାଖେ
ଘେନନ୍ତୁ ଏହା ମନରେ ।
ନିଜ ବଡ଼ ସାନ   ବିଚାରନ୍ତୁ ନିଜେ
ଦେଖି, ନିଜର ଆସନ,
ଆସନୁଁ ବୁଝିବେ   ସ୍ୱ-ଗୁରୁ ଲାଘବ
ବଚନେ କି ପ୍ରୟୋଜନ ?"
ସଭା ମଣ୍ଡପରେ   'ଚିନ୍ତା'-ସୁବୁଦ୍ଧିର
ପ୍ରଶଂସା—ସ୍ରୋତ ଛୁଟିଲା,
ଶୁଣି ସର୍ବ ଜନେ   ମୋହିତ ହୋଇଲେ
ସୁଧା-ଧାର ବରଷିଲା ।
ସ୍ନେହଭରେ 'ଲକ୍ଷ୍ମୀ'   'ଚିନ୍ତା'-'ଶ୍ରୀବତ୍ସ'ଙ୍କୁ
ଅକ୍ଷୟ ବର ଦତର,
ଆସ୍ଥାନୁ ଯତନେ   ଘେନିଣ ମେଲାଣି
ଦେବ'ମାନେ ଗଲେ ଚଳି ।
କୋପେ ଜଳିଜଳି   ତହୁଁ ଶନୈଶ୍ଚର
ଘର୍ମିଲା ଅପଘନ,
ନିଜ ଦୋଷ ନିଜେ   ନବୁଝି ଅନ୍ତରେ
କଲା ବିଷ ଉଦ୍ଗୀରଣ ।

ଦୂଷିଲେ ସଦସ୍ୟେ,   'ଚିନ୍ତା' 'ଶ୍ରୀବତ୍ସ'ଙ୍କୁ
ଦେଖିବ କେ ବଡ଼—ସାନ ?
ସାବଧାନେ ଶୁଣ   ନୃପତି ବଚନ
ତୁମ୍ଭ ଯୋଗୁଁ ଅପମାନ ?
"ଦ୍ୱାଦଶ ବରଷ   କୋପ ଦୃଷ୍ଟି ମୋର
କେ ଦେଖି କରିବ ତ୍ରାଣ ?
ଦୁଃଖ-ସଙ୍କଟରେ   କେ ଆସି ରଖିବ
ଦେଖାଯିବ ନରଗଣ ?"
ଚଞ୍ଚଳା-ଲକ୍ଷ୍ମୀ କି,   ବଡ଼ କହୁ-ତୁମ୍ଭେ
ଉପରୁ ପାଇବ ରକ୍ଷା ?
ଶନିର ପ୍ରତାପେ   ତ୍ରି-ପୁର କମ୍ପିତ
ମୋହସଙ୍ଗେ ପୁଣି ଭିକ୍ଷା ୧ ।
ରଜା-ରାଣୀ ବେନି   ପଦତଳେ ପଡ଼ି
କ୍ଷମା ଭିକ୍ଷା କଲେ ଜାଣି,
କାକୁତି ମିନତି   ଯେତେ ସାଧ୍ୟା କଲେ
ନଟଳିଲା ଶନିବା-ଣୀ ।

୧ ଭିକ୍ଷା—ଅର୍ଥିତ୍ୱ ।

DBA0000022360RI

Or 891.451/P316c

ଷଷ୍ଠ ସର୍ଗ ।

'ଶ୍ରୀଜୟ' ରାଜ୍ୟରେ ଶସ୍ୟ ନ ଜନ୍ମିଲା
ଆସିଲା ଦୁର୍ଭିକ୍ଷ ମାତ୍ର,
ରାଜ୍ୟ ପରଜାଏ ଉଦର ଜ୍ୱାଳାରେ
ଜଳହେଲେ ଦୁଃଖେ ଗାତ୍ର ।
ପ୍ରଜା ଦୁଃଖ ଦେଖି ସ୍ୱଧନ ଭଣ୍ଡାର
ମେଲିଦେଲେ ନରମଣି,
ରାଜ-ଧନ ଖାଇ ଚଳିଲେ ପ୍ରଜାଏ
ଲକ୍ଷେ ଦୁଃଖ ନ ଗଣି ।
ତହିଁପରେ ପୁଣି ଘୋର ଅନାବୃଷ୍ଟି-
ଯୋଗେ ହେଲା ହାହା ରବ,
ରାଜ-କୋଷେ ଯେତେ ଧନ ଧାନ୍ୟ ଥିଲା
ନିଃଶେଷ ହେଲା ସବ ।
ଦେଶ ବିଦେଶରୁ ନାନାଜାତି ଶସ୍ୟ
ଆଣିଦେଲେ ପରଜାଙ୍କୁ,
ସ୍ୱର୍ଣ୍ଣ-ମାଣିକ୍ୟ ବସ୍ତ୍ର-ରତ୍ନ-ରାଜ
ନ ମିଳଇ ଆଉ ତାଙ୍କୁ ?
ସହସ୍ର ସହସ୍ର ପ୍ରଜା ନାଶ ଗଲେ
ପଡ଼ନ୍ତେ ରାଜ୍ୟେ ମଡ଼କ,
ଶବ-ରାଶି-ରାଶି ସ୍ତୁପୀକୃତ ହେଲା
ଯୋଡ଼ିଲେ ହେବ ସଡ଼କ ।

National Library,
Calcutta-27

ଦୈବ-ଦୁର୍ବିପାକେ   ଅଟ୍ଟାଳିକା-ଚୂଡ଼
  ପଡ଼ିଲା ଶୂନ୍ୟରେ ଭାଙ୍ଗି,
ଘନ ମେଘେ ରକ୍ତ-   ବୃଷ୍ଟି ହେଲା ଘୋର
  ବୃଥା ଜଳେ ଅଗ୍ନି ଲାଗି ।
ଉଲ୍କାପାତ ସହ   ଧୂମକେତୁ ନଭେ
  ବିସ୍ତାରିଲା ଭୀମ-ଛାୟା,
ଘନା ସ୍ୱରେ ଭାସ-   ମାଣ ଦେଖା ଦେଲେ
  ଏ ସବୁ ଶନିର ମାୟା !
ଘଟୁଁ ଘନ ଘଟା—   ରାଜ୍ୟର ଅବସ୍ଥା
  ହୋଇଲା ଅତି ଭୀଷଣ,
ରାଜା-ରାଣୀ ହୃଦେ   ଚିନ୍ତାପୂର୍ଣ୍ଣ ହେଲା,
  ବଢ଼ିଲା ତାଙ୍କ କଷଣ ।
ଅକୁଳ-ପରଶେ   ବିପଳ-ପ୍ରଜାଏ
  କ୍ଷୁଧାରେ ହେଲେ ପୀଡ଼ିତ,
ଅନ୍ନ ଜଳ ପାଇଁ   କଲେ ଆର୍ତ୍ତ ନାଦ
  ତୃଷାରେ ହୋଇ ତୃଷିତ;
ଗୃଧ୍ର-ଜମ୍ବୁକର   ବିକଟାଳ ଡାକ
  କଟୁରବ ଯେତକର,
ଅଶୁଭ ଲକ୍ଷଣ   ଘଟିଲ ଏମାନ
  ସୂଚ୍ୟନ୍ତି କାମ ଯାହାର ।
ରାଜା-ରାଣୀ ଦୁହେଁ   ନିୟୁଜନ ପ୍ରାୟେ
  ଡକାଇଲେ ସର୍ବ ପ୍ରଜା;
ଅନ୍ୟ ରାଜ୍ୟେ ଯାଅ; କହିଲେ, "ଏ ରାଜ୍ୟେ,
  ଉଡ଼ୁଛି ଅଜସ୍ର ଧ୍ୱଜା ।"

'ଚନ୍ଦ୍ରା'ର ହୃଦୟ ଦଗଧ ହୁଅଇ
ଦେଖି ଏ ଭୀଷଣ କାଣ୍ଡ ।
ପ୍ରାଣର ଯାତନା ଅନୁଭବ ହେତେ
ଖୋଜଇ ଧରମ ଦାଣ୍ଡ ?
ରାଜାଙ୍କୁ ଡକାଇ, "ଏ ଶ୍ମଶାନ-ଦେଶୁଁ
ଚଳିଯିବା ଦେଶାନ୍ତରେ;
ଏ ଭୀଷଣ ଦୃଶ୍ୟ ! ନ ଦେଖିବା ଆଉ
ତେଜିବା ଜୀବନ ଭଲେ ।"
ଭାଷିଲେ 'ଶ୍ରୀବସ' "ସତ୍ୟ" "ସତ୍ୟ" 'ଚନ୍ଦ୍ରା'
ଏ ବିଷମ-ଦୁଃଖ ଅଛେ,
'ଶନିର ପ୍ରକୋପେ ମୋ ରାଜ୍ୟ ଶ୍ମଶାନ
ପାଲଟି, ଦୁର୍ଦ୍ଦଶା ଘଟଛେ;
ତୁମ୍ଭ ପିତୃ-ଗୃହ— ପଥ ଅନୁସର
ସ୍ୱଚ୍ଛନ୍ଦେ କର ଗମନ,
ତୁମ୍ଭ ଆମ୍ଭ ଭାଗ୍ୟ ଫେରିଲେ ତୁମ୍ଭଙ୍କୁ
ଅଣିବି କରି ଯତନ ।
ରାଜ୍ୟ ଛାଡ଼ି ମୁହିଁ ଯିବି ଅନ୍ୟ ଦେଶେ
ଜୀବନ ରକ୍ଷା ଅର୍ଥେ,
ଯା ଘଟିବ ଭାଗ୍ୟେ ଭୁଞ୍ଜିବି ଅବଶ୍ୟ
ରଖିବେ 'ଲକ୍ଷ୍ମୀ' ସଦୟେ ।
ସବିନୟେ 'ଚନ୍ଦ୍ରା' ଭାଷି ନୃପତିଙ୍କୁ
ଲୋଟିଗଲେ ପଦତଳେ,
ତେଜିଣ ତୁମ୍ଭଙ୍କୁ ନ ଯିବି, "ମୁଁ କେବେ,
ନ ଭସାଅ ଭବଜଳେ ?"

ନ ପାଇଲେ ଖାଦ୍ୟ ଦଉଛି ଦର୍ଶଣ
ରହିଥିବ ଅନଶନେ,
ମରିବାକୁ ଥିଲେ ନିଶ୍ଚୟ ମରିବା
ଶୁଣିବେ ଜଗତଜନେ ।
ରାଜା-ରାଣୀ-ପଦେ ବସିବାକୁ ଟେକ
ନ ସ୍ପୃହଇଁ ଧନେ ମନେ,
ଭିକ୍ଷା ବୃତ୍ତି ଧରି ଯାଉ ପଛେ ଦିନ
ନାହିଁ ମୋର ଅଶା ଧନେ ।
ସୁଖର ଦୁଃଖର ସମ ଭାଗିନୀଟି
ହେ ନାଥ ! ମୁହିଁ ତୁମ୍ଭର;
ନାଶ୍ରି ପର ପୁଂସ- ଅର୍ଦ୍ଧାଙ୍ଗୀ ବୋଲାଏ
କେମନ୍ତେ ହୋଇବ ପର ?
ଏ ଘୋର ବିପଦେ ରହି ତବ ପାଶେ
ସେବିବି ନିତି ଶ୍ରୀପଦ,
ଦୁଃଖେ ସୁଖେ ନିତି ଯାପି ଦିବା-ନିଶି
ଲଭିବ ଶାନ୍ତ ସମ୍ପଦ ।
ହରସ ବଦନେ ବୋଲନ୍ତି, 'ଶ୍ରୀବତ୍ସ
କି କରିବା ଏବେ 'ଚିନ୍ତା' ?
ତୁମ୍ଭ କଷ୍ଟ ଗୁଣି ପ୍ରଜା-ଦୁଃଖ ଶୁଣି
ବିଦାରଇ ହୃଦ ଚିନ୍ତା ।
ଆସ ପ୍ରିୟେ ଚାଲ ଧନ-ରହି ଯେଣ
ଯିବା ଦେଶାନ୍ତରେ,ଚଳି,
ଧର୍ମ ରକ୍ଷା ଲାଗି ବାଞ୍ଛି ଗୋ ସାହାସ
ଯାହା ସେ କରନ୍ତେ ହରି ।

ସପ୍ତମ ସର୍ଗ ।

ନୀରବ-ଧରଣୀ   ଜନ ଶୂନ୍ୟ ବାଣୀ
    ନିଶୀଥେ ଭରେ ସ୍ତବ୍ଧ,
ଶୁଣିଲେ ସେ ବାଣୀ   ମାନବ ହୃଦୟ
    ଭୟେ କମ୍ପେ ବାରମ୍ବାର ।
ଶିବା-ଶ୍ୱାନଙ୍କର   ଉତ୍କଟ-ଚିତ୍କାର
    ଗୃଧ୍ର-କାଳପେଚ୍‌-ରବ,
ଏ ଘଟନା ମାନ   ଦେଖିଲେ ନୟନେ
    ଲାଗିଯାଏ ଶଙ୍କ-ଦମ୍ଭ !
ଏ ସମୟେ ପୁଣି   ଘୋର ଅନ୍ଧକାରେ
    ଚଳନ୍ତି 'ଶ୍ରୀବତ୍ସ' 'ଚମ୍ପା';
କେଉଁଣେ କେଉଁ ପଥେ ଯିବାବୋଲି ମନେ
    କରନ୍ତି ବିବିଧ ଚିନ୍ତା ?
ଆଗ ପଛ ହୋଇ   ପଥ ଅନୁସରି
    ପଛକୁ ଢଅନ୍ତି ଗୃହଁ,
ପଛେ ପଛେ କେତେ   ପ୍ରଜା ଆସୁଥାନ୍ତି
    ପଥୁଁ ଫେରାଇବା ପାଇଁ,
ସତେ କେହି ଜଣେ   ବାଟ ବାଢୁଥାଏ
    ଦେଖାଇ ଉଜ୍ଜଳ ବତ ?
'ଶ୍ରୀବତ୍ସ'-କଳ୍ପନା   ସାଧିବାକୁ ମନେ
    ବଳାଏ ଭାବଇ ମତ ।

କିଛୁ ଦୂର ଅନ୍ତେ ବେଜନଙ୍କ ସମ୍ମୁଖେ
ଉଭା ହେଲେ "ଲକ୍ଷ୍ମୀଦେବୀ",
କୋଇଲେ,"ମୁଁ 'ଲକ୍ଷ୍ମୀ' ପାଶେ ପାଶେ ଅଛି
ଅଚଳ-ସମ୍ପଦ ଦେବ ।
କି କରିବ ମୁହିଁ ? ନାହିଁ ମୋ ଶକତି
'ଶନି-ଦଶା' ମେଣ୍ଟିବାକୁ ।
ଦ୍ୱାଦଶ ବରଷ ଶନିଗ୍ରହ-କୋପେ
ହେବ କଷ୍ଟ ଭୋଗିବାକୁ ।
ତଦନ୍ତେ ପ୍ରସନ୍ନ ହେବ ଭାଗ୍ୟ ତବ
ଫେରାଇବ ରାଜ୍ୟ-ଧନ
ଯାପିବ ଦିବସ- ରଜନୀ ସୁମନେ
ଦେଖିବେ ଜଗତଜନ ।"
ଏସନ ଭଣିଣ ଗୁହିଁ ଗୁହିଁ ଭାଗ୍ୟ,—
ଦେବୀ ହେଲେ ଅନ୍ତର୍ଦ୍ଧାନ,
ଗହନ କାନନେ ପଥ ନ ଦିଶିଲା
ରାଜା ରାଣୀ ହତଜ୍ଞାନ ।
ଅଳୁଳେ 'ଶ୍ରୀବତ୍ସ' ଭାଷନ୍ତି କାନ୍ତାରେ
ଦିଶୁ ନାହିଁ କି ଉପାୟ !
ଶାନ୍ତ ହୁଅ, "ନାଥ! ଧର ଧୃତି ହୃଦେ
ଏ ନିଶୀଥେ ନିରୁପାୟ !
ନିଶା ଅବସାନେ ଉଷା ସମାଗମେ
କରିବା ଆମ୍ଭେ ପ୍ରସ୍ଥାନ,"
ଏହା କହି 'ଚିନ୍ତା' ଦୂର କରି ଚିନ୍ତା
ଲୋଡ଼ିଲେ ବିଶ୍ରାମ ସ୍ଥାନ ।

ଧୀରେ ଧୀରେ ଶଶୀ   ଉଦ୍‌ଗତ ଗଗନେ
ସିଞ୍ଚିଲା ସୁଧା-କିରଣ,
ସେ ଜ୍ୟୋତି ପରଶେ   ବାଟ ଘାଟ ଦିଶେ
କେତେ ବିଶଦ ତକ୍ଷଣ ।
ଯାତ୍ରା କରି ପୁଣି   ମଧ୍ୟ ପଥେ ବେନି
ଦେଖିଲେ ଭୀଷଣ ନଦୀ,
ଅନ୍ୟ ପଥ ନାହିଁ   ଯିବେ କେଉଁ ଆଡ଼େ
ପାର ନ ହୁଅନ୍ତି ଯଦି !
ବିଷର୍ଣ୍ଣ ବଦନେ   ବେନିଏ ଚିନ୍ତିଲେ
"ରଖ ପ୍ରଭୁ ଭଗବାନ ।
ତୁମ୍ଭର ଚକ୍ଷୁରେ   ସରବେ ସମାନ
ନୋହେ କେହି ବଡ଼ ସାନ !"
ଦୈବଯୋଗେ ତହିଁ   ଯାଉଛି ନାବିକ
ନଦୀ ମଧ୍ୟେ ନାବ ବାହି,
ଆଗ୍ରହେ ନୃପତି   ପାର ହେବା ପାଇଁ
ଡାକିଲେ "ନାଉରି ଭାଇ !"
ତା' ଶୁଣି ନାବିକ   ନୃପତି ସମ୍ମୁଖେ
ମିଳିଲା ଆସି ବହନ,
'ନଦୀ ପାର ହେବା— ପାଇଁ ଡାକ ଦେଲୁଁ
ଆମ୍ଭେ ଦୁଃଖୀ ଦୁଇଜଣ' ।
ନାଉରି କହିଲା,   "ମୋର ନାବ ସାନ
ପୁଣି ଯାଇଅଛି ଭାଙ୍ଗି,
ଦୁଇ ଜଣ ବିନା   ନ ଯିବେ ଅଧିକ
ଗଣ୍ଡିଲ ନ ଥିବ ଲାଗି ।"

ଚଢ଼ିଲ ଡୁମ୍ବର ନ ଯିବ ସଙ୍ଗରେ
ଆସେ ଥୋଇ ସେ କୂଳରେ;
ଯଛେ ନେଇ ଯିବ ପାରି କରି ସାରି
ଆନ ନ ମଣ ଚତୁରେ;
'ଶ୍ରୀବତ୍ସ' ଚଢ଼ିଲ ସବେଗେ ନାବରେ
ନାବକ ସ୍ୱ-ହସ୍ତେ ଦେଲେ,
ତହୁଁ ମାଝିଆଇ ନାବ ଚଳାଇଣ
ତହୁଁ ତିରୋହିତ ହେଲେ ।
ଦୈବ-ଦୁର୍ବିପାକେ ଶୁଖି ଗଲା ନଦୀ
ଯେଉଁ ବନ ଥିଲା ସେହି,
ଘୋର ଅନ୍ଧକାରେ ହୋଇଲା ଅଚ୍ଛନ୍ନ,
ନ ଦିଶିଲେ ଆଉ କେହି ।
ଅଲୀକ-ଭଙ୍ଗିମା 'ଶନି' ଛଳ ଯେଣ
ଦେଖାଉ ଥାଏ ଏ ମାୟା !
ଦହଇ ଯେସନେ ଜ୍ୱଳନ୍ତ ଅର୍ବକେ
'ଚିନ୍ତା' 'ଶ୍ରୀବତ୍ସ'ଙ୍କ କାୟା ।
'ଚିନ୍ତା' ନୃପତିଙ୍କୁ ପ୍ରବୋଧି ବିଶେଷେ
କହିଲେ, "ଚିନ୍ତା ନ କର,
କପାଳ ଲିଖନ କେ କରିବ ଆନ
ଅଛି ଯା' ଭାଗ୍ୟେ ଆମ୍ଭର ?"
ଚାଲ, ଅଗେ ନାଥ! ଅନ୍ୟ ଦେଶେ ଯିବା
ଅନ୍ନ ସୁବ୍ୟବସ୍ଥା ପାଇଁ,
ଦୁଃଖେ-ସୁଖେ ନିତି ଯାପି ଦିବାନିଶି
ଡାକିବା ଜଗତସାଇଁ ।

ରାଜା-ରାଣୀ ଦୁହେଁ   କ୍ଷୁଧାରେ ଅଧୀର
ହୋଇଣ ଯାଆନ୍ତି ଧୀରେ,
ଯାଉଁ ଯାଉଁ ଏକ   ସୁନ୍ଦ୍ର ଉପବନ
ଦେଖିଲେ ପଥେ ଅଦୂରେ ।
ସେହି ଉପବନେ   ତରୁ ଲତା ସଜ
ଫଳଭରେ ଅବନତା,
ସ୍ୱଚ୍ଛ-ପୂତ-ନୀର—   ପୁଷ୍କରିଣୀ ପାନ୍ଥ-
ନେତ୍ର-ପଥେ-ଉପଗତା ।
ତାହା ଦେଖି 'ଚନ୍ଦ୍ରା'   ହରଷ ବଦନେ
ଫଳ ମୂଳ ଆଣି ଗଲେ,
'ଶ୍ରୀବତ୍ସ' ସ୍ନାହାନ-   ଘାଟେ ପ୍ରବେଶିଣ
ସ୍ନାନବିଧି ସାଙ୍ଗ କଲେ ।
ଉଭୟେ ନ ଭୁଞ୍ଜି   ଭୋଜ୍ୟ ଦ୍ରବ୍ୟମାନ
ଅଙ୍ଗ-ଶାନ୍ତ ଅରଜିଲେ,
ଧୀରେ ଧୀରେ ଜନ-   ଆଳୟ ସନ୍ଧାନେ
ସବଳେ ସ୍ୱସ୍ଥେ ଚଳିଲେ ।
କ୍ଳାନ୍ତ-ପରିଶ୍ରାନ୍ତ   କ୍ଷୁଧା-ପିପାସାରେ
ହୋଇଲେ ଅତି-କାତର,
ଖାଇବା ଦରବ   ଖାଇବାକୁ ଆଉ
ବଳିଲା ବେଳ ଅନ୍ତର ।
କହିଲେ, "ଧୀବର   ମାଛ ଧରୁଅଛୁ
ଜାଲ ପାତ ନଦୀଧାରେ,
ମନରେ ଗରବ   ଗୋଚ୍ଛଇ ବାନ୍ଧିଛୁ
ଶୁଣ୍ଡୁ କଥା ନ ବାହାରେ ।"

‘ଶ୍ରୀବତ୍ସ’ ମାଗିଲେ ମାଛଟିଏ ମୋତେ
ଦିଅ ହେ ଜାଲିଅ (୧) ଭାଇ !
ଯାହା ନେବ ପଛେ ନିଅ ମୋଠାରୁ
ନ ଦିଅ ମୋତେ ଠକାଇ !
ସାଦରେ ଧୀବର ଅତି ସଯତନେ
ଶେଉଳ (୨) ଦେଲେ ତାହାଙ୍କୁ,
ଭୁଞ୍ଜିବା ଆଶାରେ ‘ଶ୍ରୀବତ୍ସ’ ‘ଚିନ୍ତା’ଙ୍କୁ
ଦେଲେ, ନିଅ ପୋଡ଼ିବାକୁ ।
‘ଚିନ୍ତା’ ଚିନ୍ତା କଲେ ଭଲ ଅଣିଅଛ
ଫେଡ଼ିବାକୁ ଗ୍ରହ-ଦଶା,
ଭଗବାନ ଇଷ୍ଟେ ସହାୟ ଅଛନ୍ତି
ମେଣ୍ଟିବେ ଆମ୍ଭ ଦୁର୍ଦ୍ଦଶା ।
ତ୍ୱରା କର ‘ଚିନ୍ତା’, ମାଛ ପୋଡ଼ ସାଇ
ଜଳ-ଘାଟେ ଧୋଇ ଗଲେ,
ଧୋଉଁ ଧୋଉଁ ମାଛ ଜୀବଦାନ ପାଇ
ମିଶିଗଲା ସ୍ରୋତ-ଜଳେ ।
ଏହା ଦେଖି ‘ଚିନ୍ତା’ ଚକିତ ହୋଇଲେ
ହେଲେ ଶୋକେ ଜରଜର,
ଅସମ୍ଭବ କଥା ରାଜାର ଗ୍ରହମୁରେ
ହେବକି ସମ୍ଭବପର !
ଏହାକି ହୋଇବ ତ୍ରିଲୋକରେ ବିଶ୍ୱାସ
କେବେ ଦେଖାଶୁଣା ନାହିଁ ?

---

(୧) ଜାଲିଅ—ଧୀବର
(୨) ଶେଉଳ—ମତ୍ସ୍ୟ ବିଶେଷ ।

ଯୋଡ଼ା ମାଛ ସତେ   ପୁଣି ପ୍ରାଣ ପାଇ
ଡେଇଁ ଯାଇଅଛି କାହିଁ !

'ଚନ୍ଦ୍ରା'ର ଭାବନା   ହୋଇଲା 'ପ୍ରବଳ
କି ଦେବି ରଜାର ପାଶ ?

ନ ଫେରିବ ଏଣେ,   ନ ଯିବି ମୁଁ କେଣେ
ଦେବି ଏ ପରାଣ ଫାଶ ?

ଭାବଚନ୍ଦ୍ର ମନେ   ଅସ୍ତ୍ର ଧରି ହୃଦେ
ସ୍ୱାମିଙ୍କି କାନ୍ଦି କହିଲେ,

" କି କରିବି ପ୍ରଭୁ ?   ବୁଦ୍ଧି ଦିଶୁ ନାହିଁ
ବିଧି ଏହା ଭିଆଇଲେ !"

ଶୁଣିଣ ନୃପତି   ଦୀର୍ଘ-ଶ୍ୱାସ ଟେକି
ବୋଇଲେ, "ଆହା ଅଦୃଷ୍ଟ !"

ଅଭୂତ-ବ୍ୟପାର   ଘଟେ ଯାହା ଯୋଗୁ
ସେ ନୋହେ ମୋ ପ୍ରତି ଦୁଷ୍ଟ ।

ବାତାହତ ପ୍ରାୟେ   ସେ 'ଚନ୍ଦ୍ରା' ମୂର୍ଚ୍ଛିତା
ହୋଇ ପଡ଼ିଲେ ଭୂତଳେ,

ସଜଳ ନୟନେ   ନୃପତି ତାହାଙ୍କୁ
କାଢିଲେ ଧରି ବକଳେ ।

ଚେତନା ଲଭିଥିଁ   ଉଠି ଧସ୍ତଙ୍କୁ
'ଚନ୍ଦ୍ରା ଦେବୀ' ଭାକୁଛନ୍ତି,

ଅକାଳ୍‌ଣେ କପାଁ   ଏତେ ନିଦ୍ରା ଗଲ
ନୃପତି କାନ୍ଦୁ ଅଛନ୍ତି !

ବୈଭବ ସାନ୍ତ୍ୱନା ପାଇ ବେନି ହୃଦେ
ନିଜ ପଥେ ଚାଲି ଗଲେ,
ଯେଣେ ସେ ଚାହାଁନ୍ତି ତେଣେ ଶୂନ୍ୟ ଦିଶେ
ନ ଦିଶଇ କିଛି ଭଲେ ।
ଯାଉଁ ଯାଉଁ ପଥେ ଥୋକେ ଗଲେ ଚାଲି
ଦିଶିଲା ଗ୍ରାମ ନଗର,
ପାଖୁ ପାଖୁ ଯହିଁ ଲାଗି ସେ ଅଇଲେ
ଦେଖିଲେ ଶୂନ୍ୟ—ପ୍ରାନ୍ତର ।

ଅଷ୍ଟମ ସର୍ଗ ।

ଝୁଲି ଝୁଲି ପଦେ   ଅଳ୍ପ ପଥ ଯିବେ
ମିଳିଲେ ଏକ ପଲ୍ଲୀରେ,
ଦେଖିଲେ ସେଠାରେ   ଶବର(୧)କୁଟୀର
ବସିଅଛି ବନ ଶିରେ ।
କୁଟୀରବାସୀଏ   ହୋଇଲେ ବିସ୍ମିତ
ଦେଖି 'ଶ୍ରୀବତ୍ସ' 'ଚିନ୍ତାଙ୍କୁ',
ତାଙ୍କ ପରିଚୟ   ବୁଝିବା ପାଇଁ ସେ—
ପଚାରିଲେ କେତେ ତାଙ୍କୁ ।
ନୃପତି କହିଲେ,   "ଆମ୍ଭେ ବଡ ଦୁଃଖୀ,
ନୋହେ କେହି ଆମ୍ଭ ପର,
ଆମ୍ଭ ଦୁଃଖ-ଦଶା   କହିଲେ ନ ସରେ
ଜଗତେ ନାହିଁ କେ ସର ?
'ଚିନ୍ତା' ମୋର ସ୍ତ୍ରୀର   ବହୁ ଦୁଃଖ ସହି
ଅଇଲୁଁ ଏ ଘୋରବନେ,
ଶନିଦଶା ପଡ଼ି   ବନାଣି ଆମ୍ଭଙ୍କୁ
ବାଧା ଦେଲା ପ୍ରାଣେ ଧନେ ।
କତୁଦିନ ହେଲା   ଅନଶନ ଯୋଗୁଁ
ଭୋଗୁଁଛୁଁ ଉଦରଜ୍ୱାଳା,
ଚାଲିବାକୁ ଶକ୍ତି   ନାହିଁ କଳେବରେ
କଷ୍ଟ ଲଭୁଛି ମୋ ବାଳା ।

(୧) ଶବର—ଏକ ପ୍ରକାର ଅନାର୍ଯ୍ୟ ଜାତି । ଏମାନେ ଓଡ଼ିଶା ବନମାଳରେ ଥାଆନ୍ତି

ମୁଠେ ଅନ୍ନ ଦିଅ   ଖାଇବା ଆଶାରେ
ମାଗୁଛି ତୁମ୍ଭଙ୍କୁ ପର ?
'ଚିନ୍ତା' ଉଚ୍ଚକଣ୍ଠେ   ରୋଦନ କରିଲେ
ହାୟ ହାୟ ବସୁନ୍ଧରା !
"ଯାର ଅନ୍ନ ଜଳ-   ଜାତ ଭୁଞ୍ଜୁଥିଲେ
ଲକ୍ଷ ଲକ୍ଷ ପ୍ରାଣୀଗଣ,
ସେ ପୁଣି ଏ କଷ୍ଟ   ପାଇଲା ଏ ଭବେ,
ଦେଖିଲେ ସକଳ ଜନ !"
ଶବର ହୃଦୟେ   ଦୟାର ସଞ୍ଚାର
ହେଲା ଅତିଥିଙ୍କ ପାଇଁ,
ନାତିଉଚ୍ଚ-ନୀଚ   କୁଟୀର ଖଣ୍ଡିଏ
ଦେଲେ, ଅବସ୍ଥାନ ଠାଇଁ ।
ରନ୍ଧନ ସାମଗ୍ରୀ   ସାଦରେ ଆଣିଣ
ଦେଲେ ନିଅ ରନ୍ଧିବାକୁ,
ପତିବ୍ରତା 'ଚିନ୍ତା'   ରାନ୍ଧି, ପତି-ମୁଖେ
ସୁଖେ ଦେଲେ ଭୁଞ୍ଜିବାକୁ ।
'ଶୈବଳ' ମାଛର   ଘଟଣା ସୁମର
ଭୟ ହେଉଥାଏ ମନେ,
'ଶନି' ଛଳନାରେ   କେହି କାଳେ ପୁଣି
ଭସ୍ମ ନିକ୍ଷେପିବ ଅନ୍ନେ ?
ଭାଗ୍ୟେ ସେ ଦିବସେ   ନାହିଁ ଦୁର୍ଘଟଣା
ଭଲେ ନଷ୍ଟି-ଧନ ଗଲା ?
ରାଜା-ରାଣୀ ମିଳି   ସନ୍ତୋଷେ ଭୁଞ୍ଜିଲେ
କ୍ଷୁଧା କେ ସେଚନ କଲା ?

ଏହିଁ ଅବସର ପ୍ରଭାତେ ଶବରେ
ଭେଟିଲେ ନୃପ ସମୀପେ,
ଟେକି ଭରିଦେଲେ ଚନ୍ଦିତା ପ୍ରେମରେ
ଝଠଇ ଜଳ ପ୍ରଦୀପେ ।
ଆଶ୍ୱାସି ରାଜାଙ୍କୁ ଆଶ୍ୱାସନା ଦେଲେ
ଭୟ କପାଁ ହେ ରାଜନ !
ଥାଅ ଧରି ଆମ୍ଭ ସଙ୍ଗେ କର୍ମ କର
ନ ହୋଇଣ କ୍ଷୁବ୍ଧ ମନ ।
ନିତି ପ୍ରାତଃକାଳେ ଯାଇଁ କାଠ କାଟି
ବିକ ତା ଫେରୁଁ କୁଶଳେ,
ଖାଇବା ଦରବ ସଙ୍ଗେ ଭଣି ଅଣି
ଲେଉଁ ଅମ୍ଭେ ସୁ-ସରଳେ ।
ତୁମ୍ଭେ ଆମ୍ଭ ସଙ୍ଗେ କାଠ କାଟିବାକୁ
ବନସ୍ତେ ଗମନ କର,
ମାଛ ମାଂସ ଅନ୍ନ ଭୁଞ୍ଜିବ ଯତନେ
ପୂରିବ ସୁଖେ ଉଦର ।
ଦୁଃଖ କଷ୍ଟ ଆଉ ନ ଭୋଗିବ ପ୍ରାଣେ
ଅସ୍ତ୍ର-ଶାସ୍ତ୍ର ଅରପିବ,
ଭିକ୍ଷୀ ହେବୁଁ ଅମ୍ଭେ ତୁମ୍ଭର ଦଶାରେ
ଯେତେବେଳେ ଯେ ପଡ଼ିବ ।
ରାଜା 'ଚନ୍ଦ୍ରା' ପାଶେ ଶବର ବଗୁର
'ଅନନ୍ଦେ କଲେ ପ୍ରକାଶ,
ଶୁଣି ଶୁଣି ରାଣୀ ସନମତି ଦେଲେ
ହେବ ମୋ ହୃଦୟେ ପ୍ରାସ ।

ନେବ ଯଦି ମୋତେ   ତୁମ୍ଭର ସଙ୍ଗତେ
ବୁଲିବି ମୁଁ ବନେ ବନେ,
ତୁମ୍ଭ ସୁଖ-ଦୁଃଖେ   ଭାଗିହେବ ଅଧେ
ବ୍ୟାକୁଳ ନୋହିବ ମନେ ।
ରାଜାଙ୍କ ଅନିଚ୍ଛା-   ଦେଖି ପତି-ପ୍ରାଣା
ହେଲେ ଶୋକେ ଶୋକାକୁଳା,
ପତିର ବିଚ୍ଛେଦେ   କାନ୍ଦିଲେ ବିକଳେ
ପତି-ନୟନ-ପିତୁଳା ।
ନୃପତି କହିଲେ,   "ଶବର ପଲ୍ଲୀରେ
ଚଳିବା ଶବର ପରି,
ଶବରବଧୂଏ   ନ ଯାନ୍ତି ସେପରି
ତୁମ୍ଭେ ଯିବ କେଉଁ ପରି ?
ତାଙ୍କ ସଙ୍ଗେ ମିଶି   କର ହସ ଖୁସି
କଣ୍ଠାଅ ଦିବସ-ନିଶି,
କିଛିକାଳ ରହି   ଫେରିଲେ ମନ୍ଦିରେ
ମୋର ସଙ୍ଗେ ଯିବ ମିଶି ।"
ଏହା କହି ରାଜା   ଶବରଙ୍କ ମେଳେ
ଗଲେ କାଠ କାଟିବାକୁ,
ବନେ କାଠ କାଟି—   ସାରି ବାହୁଡ଼ିଲେ
ଗ୍ରାମେ ଗ୍ରାମେ ବିକିବାକୁ ।
ଶବରଣୀ ସଙ୍ଗେ   ସୁଖେ 'ଚନ୍ଦ୍ରାଦେବୀ'
କରିଲେ କାଳ ଯାପନ,
ତାଙ୍କର ଯତନେ   ହୋଇଲେ ପାଳିତ
ତରୁଣୀ-ନାରୀ-ରତନ ।

'ଚନ୍ଦ୍ରା'—ଦୟା-ମାୟା, ସ୍ନେହ-ଉତ୍ସାରେ
ପୂରଇ ସର୍ବ ଅନ୍ତର,
ଦଣ୍ଡେ ଛାଡ଼ି ତାକୁ ନ ଚଳନ୍ତି କେହି
କରଥାଏ କି ମନ୍ତର ?
ତାର କଥା ଶୁଣି କାନ ଜଣା ହୁଏ
ଝରଇ କେଉଁ ଲୋତକ,
ଥିଲେ ତାର ପାଶେ ହୁଏ ସ୍ୱର୍ଗ ସୁଖ
ଦେଖିଲେ ହରେ ପାତକ ।
କେହି ମା—ମାଉସୀ କେ,ଭଗ୍ନୀ—ପିଉସୀ
କର ଚଳୁଥାଇ ନିତ ?
ଫପରକ ଛାଡ଼ି ନଥାଏ କେ ଜଣେ
ଆସୁଥାନ୍ତି ନିତ ନିତ ?
ଲଜ୍ଜା ବନେ କାଠ- କାଟିବା ପାଇଁ ସେ—
ଯାନ୍ତି ଶବରଙ୍କ ସଙ୍ଗେ,
ବୁଲିଣ ଅରଣ୍ୟ ବାଛି ବାଛି କାଠ
କାଟୁଥାନ୍ତି କେତେ ରଙ୍ଗେ ?
ଏଣୁ ତେଣୁ କାଠ କାଟିଣ ଶବରେ
ବଡ଼ ଗୋଛା ବାନ୍ଧୁଥିଲେ,
ଲଜ୍ଜା ବନସ୍ତରେ ଚନ୍ଦନ କାଠର
ସନ୍ଧାନରେ ବୁଲୁଥିଲେ !
ପାଇଣ ଚନ୍ଦନ— କାଠ ସେ କାଟିଲେ
ବାନ୍ଧିଲେ କେତେ ଭଙ୍ଗିରେ ?
ଅଳପ ଆକାର ଦେଖା ଗଲା ପୁଣି
ଡଗଜଲ୍ଲ ତାଙ୍କ ଶିରେ ?

ସକଳେ ବଢ଼ିଲେ ସଜ୍ଜନଙ୍କ ଠାଁ
ରାଜାର କେହି ନ ନେଲେ
ଧୀରେ ଧୀରେ ରାଜା ପ୍ରଷ୍ଟଳ ବଣିଆ
ଗୋଦାମେ ଠେଲିଇଣ ଦେଲେ ।

ଯାଦରେ କିଣିଲେ ଚନ୍ଦନ ତାଙ୍କଠୁଁ
ଦେଇଣ ମୂଲ୍ୟ ଉଚିତ,
ଶବରଙ୍କୁ ବଳି ବଢ଼ିଲେ ଅଧିକ
ପାଇଲେ ଯଥା ବାଞ୍ଛିତ ।

ନାନାବିଧ ଖାଦ୍ୟ— ଦ୍ରବ୍ୟ ସେ କିଣିଣ
ଥୋଇଦେଲେ 'ଚନ୍ଦ୍ରା' ପାଶେ,
ଯତନେ ପ୍ରସନ୍ନେ ରାନ୍ଧିଣ ଭୁଞ୍ଜିଲେ
ସୁଖେ ଅନ୍ନ ଗ୍ରାସେ ଗ୍ରାସେ ।

ଅଉ ଯାହା ଥିଲା ସାଇ ପଡ଼ିଶାଙ୍କୁ
ଡାକିଣ ଦେଲେ ଖୁଆଇ,
'ଚନ୍ଦ୍ରା' ହାତ ରନ୍ଧା ସବୁରି ମୁଖକୁ
ସୁଧା ପରି ଲାଗୁଥାଇ ।

ଦିନେ ରାଜା ବେଶି ପାଇଣ ପଇସା
ବିବିଧ ଖାଦ୍ୟ ଆଣିଲେ,
'ଚନ୍ଦ୍ରା' କାନ୍ତ ସଙ୍ଗେ ପରାମର୍ଶ କରି
ଶବରଙ୍କୁ ଖୁଆଇଲେ ।

'ଚନ୍ଦ୍ରା' ନିଜେ ସବୁ ରନ୍ଧନ କରିଲେ
ଶବଖିଏ ଯୋଗାଇଲେ,

ଶବର—ଭୋଜନେ   ରତ ହୋଇ ସଭା
ପରିବେଷଣ କରିଲେ ।

ଏଣେ ଭୁଞ୍ଜୁଥିଲେ   ଶବରଙ୍କ ବଧୂଏ
ପରଶିଲେ ନେଇ 'ଚନ୍ଦ୍ରା',

ସବୁରି କାମନା—   ପୂରଣ ହୋଇଲା
ଧନ୍ୟ ଧନ୍ୟ କଲେ 'ଚନ୍ଦ୍ରା',

ଏହିରୂପେ 'ଚନ୍ଦ୍ରା'—   'ଶ୍ରାବସ୍ତ' ବେନଙ୍କ
ବଢ଼ିଗଲା କିଛି ଧନ,

'ଶନି' କୁ-ଦୃଷ୍ଟିରେ   ସେ ଛୁଦ୍ର କୁଟୀର
ନ ରହିଲା ବେଶି ଦିନ ।

ନବମ ସର୍ଗ ।

ପଲ୍ଲୀ ପାଖେ ପାଖେ   ସୁଭଦ୍ରା-ତଟିନୀ
ଖର-ସ୍ରୋତ-ପ୍ରବାହିନୀ,
କଳ କଳ ରବ   କରି ଉଦବେଗେ
ବେଗେ ଧାଏଁ କଲ୍ଲୋଳିନୀ ।
ଦଇବ ବଶରେ   ସେ ନଦୀ ଚଡ଼ାରେ
ଲାଗିଅଛି ଏକ ନାବ,
ମହାଜନ ପୁଅ   ଭାଳି ହେଉଥାଏ
କେମନ୍ତେ ଛାଡ଼ିବ ଠାବ ?
ଶତ ଶତ ଲୋକ   ନାବ ଟାଣୁଥାନ୍ତି
ନାବ ଉଦ୍ଧାରିବା ପାଇଁ,
ନ ଟଳେ ଅଳପ   ନ ଛାଡ଼େ ତଳପ
କେଶେ ହେଲେ ଘୁଞ୍ଚେ ନାହିଁ ।
ମହାଜନ ପୁଅ   ଆକୁଳ ହୋଇଲା
କାନ୍ଦିଲା ଅତି ବିକଳେ,
କି କରିବ ଏବେ   ବୁଦ୍ଧି ଦିଶୁନାହିଁ
ବୁଡ଼ିଲି ସାଗର ଜଳେ ?
'ଶନି' ଛଦ୍ମ ବେଶେ   ଗଣକ ସମାନେ
ବୋଇଲେ, "ହେ ସୌଦାଗର !
ଖବର ପଲ୍ଲୀରେ   ଅଛି ସତୀ ଜଣେ
ଆଣାଅ କରି ଆଦର ।

ଯଦି ସେ ପରଶେ ତୁମ୍ଭର ନଉକା
ଚଳିବ ସୁଖେ ବହନ,
ମୟୂର ଯେସନେ ଦେଖି ନବ-ଘନ
ନାଚୁଥାଏ ଘନଘନ !"

ମହାଜନ ପୁଅ ଚିନ୍ତିତ ହୋଇଲା
ଜାଣିବ କେମନ୍ତେ ସତ୍ୟ ?
କିରୂପେ ଆଣିବ କେଉଁ କଉଶଳେ
ଘୁଷିଉ ଥାଏ ତା ମତି ?

ନିମନ୍ତ୍ରଣ ଦେଇ ଚର ପଠାଇଲା
ଆଣ ଶବର ବଧୁଙ୍କୁ,
ଶୁଭ ସମାଚାର ଅଣି ମୋତେ ଦେବ
ଠେଲି ନ ଦେଇ ସିନ୍ଧୁକୁ ।

ଚର ଖରଚରେ ଘେନି ସହିଥିଲା
ନବୀନା କାମିନୀଗଣ,
ମହାଜନ ପୁଅ କର-ପୁଟେ ତାଙ୍କ
ପାଶେ ପଶିଲା ଶରଣ ।

ଏହି ମୋ ମାଗୁଣି ! ଜଣେ ଜଣେ ଯାଇ
ପରଶ ଅଚଳ ନାହା,
ତୁମ୍ଭ ଭରସାରେ ଜୀବନ ଧରିଛି
ତୁମ୍ଭେ କେବଳ ମୋ ସାହା !

ସକଳ ନାରୀଏ ନାବ ପରଶିଲେ
ନାବ ତିଳେ ନ ଚଳିଲା ।
ମହାଜନ ପୁଅ ହତାଶ ହୋଇଲା
ଦୈବ ଦଣ୍ଡ କି ପଡ଼ିଲା ?

ତହୁଁ ସେ କହିଲା,   "ଆଉ କେ ରମଣୀ
ଅଛି ତୁମ୍ଭର ପଲ୍ଲୀରେ ?
ଥାଏ ଯଦ୍ଧ କେହ   ନବ-ବଧୂ ଜଣେ
ଆସିବ କି ମୋ ଏ ଘରେ ?"
ଶବର ବଧୂଏ   ଦେଲେ ସମ୍ମତି
ଅଛି ଗୋଟିଏ ତରୁଣୀ;
ପଛ ଅନୁମତି—   ଚନା ଆସିବାକୁ
ହୋଇବ ସେ ଟାଣି ଟୁଣି;
ମହାଜନ ପୁଅ   ବୁଝିଦେଲା କଥା
ତାକୁ ଆଣିବାକୁ ହେବ ।
ଯାହାନେବ ପଛେ   ନେଉ ମୋହଠାରୁ
ଦାବ ଉଦ୍ଧାରିଣ ଦେବ ।
ଝଳେ ନଜେ ପକ୍ଷି—,   ବଧୂଙ୍କ ସହିତେ
ଗଲା ଶବର ପଲ୍ଲୀକି,
'ଚନ୍ଦ୍ରା'ର କୁଟୀର—   ଦୁଆରେ ପ୍ରବେଶି
ଡ଼କାଇଲା ସାଥୀଙ୍କ ।
ମହାଜନ ପୁଅ   'ଚନ୍ଦ୍ରା'ର ସମୀପେ
କେତେ ଅନୁନୟ କଲା,
ଆପଣା ଆପଦ—   ବିପଦ ଗୁହାରି
ସବୁ ସେ ପ୍ରକାଶ କଲା ।
ମହାଜନ ଦୁଃଖେ—   ଦୁଃଖିନୀ ସେ 'ଚନ୍ଦ୍ରା'
ବାରମ୍ବାର 'ଚନ୍ଦ୍ରା' କଲେ;
ମୋ କାନ୍ତ କୁଟୀରେ   ବାହୁଡ଼ ନଇଲେ
କେଣିକି ନ ଯିବ ଭଲେ ?

ମହାଜନ ପୁଅ ଚାହୁଁଲା ତା' ମନେ
ଫେରିଲେ ତାହାର ପଥ,
ନ ଛାଡ଼ିବ ତାକୁ ନ ଦେବ ଯିବାକୁ
ଭୁଲାଇ ଦେବତା' ମତ,
ଅତୁଳ-ସଘଣେ ବିଷର୍ଣ୍ଣ-ବଦନେ
କାନ୍ଦି କାନ୍ଦି ଲୋଟିଗଲା,
ବୋଇଲା, "ଜନନୀ ! ନ ବହିଲେ ଦୟା
ଏ ସନ୍ତାନ ପଡ଼ ମଲା" !
'ଚନ୍ଦ୍ରା' ପରଶୋକେ-- ହୋଇ, ଶୋକାତୁର
ବେଦନା ଲଭିଲେ ପ୍ରାଣେ,
ମହାଜନ ପୁଅ— ପ୍ରତି ଅନୁକମ୍ପା
ଅନ୍ତରେ ତାଙ୍କର ଛାଣେ ।
ସ୍ୱୀୟ ଉପକାରେ ପ୍ରାଣ ସମର୍ପିଣ
ସ୍ୱାମୀ ଅପେକ୍ଷା ନ କଲେ,
ପକ୍ଷି-ବଧୂ-ଗଣ ସହିତେ ନଦୀର
କୂଳରେ ପ୍ରବେଶି ଗଲେ ।
ଭାବିଲେ, "ଏ ମୋର ସତୀତ୍ୱ-ପରୀକ୍ଷା
ତୁମ୍ଭେ ପ୍ରଭୁ ମୋ ଭରସା !
ଅବଗାହି, ନଦୀ— ସଲିଳେ ନଉକା
ପରଶି, ଫେଡ଼ିଲେ ଦଶା ।"
ପରଶ ମାତ୍ରକେଁ ଅଚଳ ନଉକା
ଚଳିଲା ଅତି ଯତନେ,
ମହାଜନ ପୁଅ ଗୋପନେ 'ଚନ୍ଦ୍ରା'ଙ୍କୁ
ଗ୍ରେସଇ ନେଲା ବହନେ ।

ଖଲୁଲେ ଛାଡ଼ିଣ 'ଚନ୍ଦ୍ରା' ମନାସିଲେ
ଏ ଜଳେ ଡେ଼ଇଁ ପଡ଼ିବ !
ମୁଣ୍ଡ କୋଡ଼ ହୋଇ ଲୋଟିଗଲେ ତଳେ
ନିଶ୍ଚୟେ ପ୍ରାଣ ଛାଡ଼ିବ !

ମହାଜନ ପୁଅ ଦେଖି ଏ ଘଟଣା
ବାନ୍ଧିଲା ନେଇ ଶିକୁଳି,
ଚନ୍ଦ୍ର-ଜ୍ୟୋତ୍ସ୍ନା-କଳ ଯା' ରୂପ-ଲାବଣ୍ୟ
ହୋଇଲା ଲୌହ-ପିତୁଳି ।

'ଚନ୍ଦ୍ରା' ଉଚ୍ଚ କଣ୍ଠେ ଡ଼ାକିଲେ, "ସଖିଏ,
କହିବ ମୋ ପତି ପାଖେ !
ନିଷ୍ଠୁର ଶୃଗାଳ ସୌଦାଗର ନାବେ
ନେଇ ଯାଉଛି ତା' ବାସେ ।"

ତାଙ୍କୁ ତଟେ ହତ ହୋଇଣ ନୌକା
ଗଲା ଖରବେଗେ ଚଳି;
'ଚନ୍ଦ୍ରା' 'ଚନ୍ଦ୍ରା' କଲେ ମରିବା କଳ୍ପନା
ମରିବେ ସେ କେଉଁ ଭଳି ?

ପରର ଏ ନାବ ପରବଶେ କେବେ
ସତୀତ୍ୱର ନାହିଁ ସ୍ଥାନ !
ଚନ୍ଦ୍ରାରେ ଅଧୀର ହୋଇ ମହାଦେଈ
ପତି ପଦ କଲେ ଧ୍ୟାନ !

ସଜଳ-ନୟନେ ସୁନ୍ଦରୀ ଡ଼ାକିଲେ,
"ରକ୍ଷ-ସୂର୍ଯ୍ୟ-ନାରାୟଣ !

ତୁମ୍ଭର ଆଜ୍ଞାରେ   ତ୍ରିପୁର ପାଳିତ
ଦୁଃଖି-ଦୁଃଖ ନିବାରଣ !

ତୁମ୍ଭେ ପ୍ରଭୁ ବେଜ—   ହରି ନିଅ ରୋଗ
ତୁମ୍ଭେ ଅନାଥର ନାଥ !
ଏ ଅଭାଗିନୀକୁ   କର ରୋଗମୁକ୍ତ
ନ ଘଷ୍ଟାଅ କାହା ସାଥ !

ଦଅ କୁଷ୍ଠ-ବ୍ୟାଧି   ଛୁଟିବାକୁ ଅଙ୍ଗେ
କର ମୋ ଦେହ କୁତ୍ସିତ ?
ସବୁର ଚକ୍ଷୁରେ   ଦିଶେ କଦାକାର
ନ ହୁଏଁ କେବେ ଲଜ୍ଜିତ ?

ଦିଅ ସଦବୁଦ୍ଧି   ଏ ପୋଡ଼ା ପରାଣେ
ନ ଚାହିଁବ ଅନ୍ୟ ମୁଖ ?
'ଶ୍ରୀବତ୍ସ'ଙ୍କ ନାମ   ଧରି ସଦା ଚିତ୍ତେ
ହେବି ମୁଁ ସତୀ ପ୍ରମୁଖ ।

ସତୀର ପ୍ରାର୍ଥନା   ଶୁଣି, ସୂର୍ଯ୍ୟଦେବ
ବହିଲେ ଦୟା ଅପାର
'ଚନ୍ଦ୍ରା' କଳେବର   ହେଲା ବ୍ୟାଧିଗ୍ରସ୍ତ
ଦିଶିଲା ଅତି ଅସାର ।

ସକଳେ ନିରେଖିଲେ   ଘୃଣିତ ନୟନେ
ପାଖରୁ ଅନ୍ତର କଲେ,
ନାହାମଙ୍କ କୋଣେ   ଯତନେ ତାହାଙ୍କୁ
ବସାଇଲେ ନେଇ ଭୂଲେ ।

"ଦ୍ୱାଦଶ ବରଷ ପରେ 'ଶନି' କୋପ
ହୋଇବ ତୁମ୍ଭର ଶେଷ,
'ଶ୍ରୀବତ୍ସ'ଙ୍କୁ ଲଭି ପାଇ ପଦ୍ଧରୁଷ
ଧରିବ ନବୀନ ବେଶ ।"

ଏମନ୍ତ ବଚନ ଭଣି ଭାଗ୍ୟ-ଦେବୀ
ଦେଲେ ତାଙ୍କୁ ଆଶ୍ୱାସନା,
ମହାଜନ ନାବେ ପତି-ନାମ ଜପି
ଚାଲିଲେ ସତୀ-ଲଳନା ।

ଦଶମ ସଗ ।

କାନନୁଁ ବାହୁଡ଼ି   ନ ପାଇଲେ ରାଜା
'ଚନ୍ଦ୍ରା'ର ଭେଟ କୁଟୀରେ,
ଅକୂଳ-ପରାଣେ   କାନ୍ଦି ଲୋଟିଗଲେ
ଛୁଟିଲେ ସେ ନଦୀ ତୀରେ ।
କେଉଁ କୁବଣିକ   ନଉକା ଚଳାଇ
ନେଲା ମୋ 'ଚନ୍ଦ୍ରା' ଚୋରାଇ ?
ଶୁଣୁ ନାହଁ କେଣେ   ଆର୍ତ୍ତଧ୍ୱନି ତାର
ଶୀମୂତ ଦଶୁ ନାହଁ ?
ହଲତ୍ ପରବ   ଯାଇଁ ନଦୀତୀରେ
ଗଲେ ଥୋକେ ପଥ ଚଳି,
ରଜନୀ ପ୍ରବେଶେ   ଘୋର ଅନ୍ଧକାର
ମାଡ଼ି ଅସେ ଢଳି ଢଳି;
'ଚନ୍ଦ୍ରା' 'ଚନ୍ଦ୍ରା' ବୋଲି   ଉଚ୍ଚେ ରବ କରି
ଚମକାଇଲେ ଅବନୀ,
ପ୍ରତିଧ୍ୱନି ଛଳେ   ତଟିନୀ ଗରଭୁଁ
କେ କହେ, "ମୁଁ ଚନ୍ଦ୍ରା ଧନୀ" ?
ପବା କୂବାଂକଶେ 'ଚନ୍ଦ୍ରା' 'ଚନ୍ଦ୍ରା' ବୋଲି
ଡାକନ୍ତି ନୃପ କାତରେ
ପ୍ରତିଧ୍ୱନି ଛଳେ   ପାନ୍ଥ ଯା ସାନ୍ତ୍ୱନା
ନ ଦେଖିଲେ କାହିଁ ଅରେ !

କଛି ଦିନ ଅନ୍ତେ   ଦେଖିଲେ 'ଶ୍ରୀବତ୍ସ'
        ଗୋଟିଏ ରମ୍ୟ ଆଶ୍ରମ,
ସେ ଶୋଭା ସରିରେ   ମୋହିତ ହୋଇଲେ
        ଦେଖି ପନ୍ଥ-ପଥ-ଭ୍ରମ;
ଗୃହଅଡ଼େ ଢାଳ,   ତମାଳ, ପିଆଳ,(୧)
        ବଡ଼ ବଡ଼ ତରୁମାନ,
ମଧ୍ୟେ ସରୋବର   ଶୋଭାପାଏ, ପାଶେ
        ସୁ-ସଜ୍ଜ ପୁଷ୍ପ ଉଦ୍ୟାନ;
କମଳ-କହ୍ଲାର   କୁମୁଦ-କୁସୁମ
        ଫୁଟି ରହିଛଇ ବାସ,
ନାନାଜାତି ପୁଷ୍ପ   ସଉରଭ ସହ
        କରେ ଶୋଭା ପରକାଶ ।
ମୃଗ-ଗଜ-ମୃଗ   ଶାର୍ଦ୍ଦୂଳ-ଛାଗଳ
        ନକୁଳାଦି ପ୍ରାଣୀ ଗଣେ,
ବନ୍ଧୁ ଭାବେ ମିଳି   ହିଂସା-ଦ୍ୱେଷ ଏଡ଼ି,
        ବିହରନ୍ତି ଏକ ମନେ ।
ନଥାଏ ସେଠାରେ   ରୋଗ-ଶୋକ-ମାୟା
        ନ ଥାଏ କିଛି ଭାବନା,
ତାପିତ-ପରାଣ   କରଇ ଶୀତଳ
        ପୂରଇ ସର୍ବ କାମନା;
ଋଷି-ବଦନେ   ଉକୁଟାଏ ହାସ୍ୟ
        ଦୁଃଖ କରେ ବିମୋଚନ,

ପିଅଳ—ପିଅଶାଳ ।

ପ୍ରାଣୀଏ ଆନନ୍ଦେ   କାଳ କଟାଉଣ
ତୋଷନ୍ତି ମନ ଲୋଚନ ।
'ଶ୍ରୀବତ୍ସ' ଅଶ୍ରମ   ଦେଖି ମୁଗ୍ଧ ହେଲେ
କହିଲେ, "ଏ ଯୋଗ୍ୟ ସ୍ଥାନ",
ଭାବନା—କାମନା   ହୃଦୟ—ବେଦନା
କରିବାକୁ ପ୍ରତିଦାନ
ମହାଜନ ପୁଅ,   'ଚନ୍ଦ୍ରା' କଥା ଆଉ
ନ କଲେ ଅଧିକ ଚିନ୍ତା,
ଶୋକ-ଅନୁତାପ   ଦୂର ହୋଇଗଲା
ପଢ଼ିଲେ ମନୁସଂହିତା ।
ନବ-ସୁଖ-ଶାନ୍ତି   ଜାଗି ଉଠି ହୃଦେ
ପ୍ରାଣେ ଶାନ୍ତି ଦାନ କଲା,
ଏହି ଭାବ ଧରି   'ଶ୍ରୀବତ୍ସ' ସଜାର
କେତେ ଧନ ବହିଗଲା ।
ସ୍ୱର୍ଗର ମାତା   କାମଧେନୁ ଦେଖି
ହୋଇଲେ ସେ ଅଚମ୍ବିତ,
ପଶୁ ପକ୍ଷୀ ନିତି   କ୍ଷୀରପାନ କରି
ଭୁଞ୍ଜୁଥାନ୍ତି ନବନୀତ ।
ସୁରଭୀଙ୍କୁ ବନ୍ଦି   'ଶ୍ରୀବତ୍ସ' ସଜନ
ଅର୍ଘ୍ୟ-ନିବେଦନ କଲେ,
'ଚନ୍ଦ୍ରା' କଥା କହି   ଅକୁଳ ପରାଣେ
କାନ୍ଦି କାନ୍ଦି ଲୋଟିଗଲେ ।
ସୁରଭୀ ତାହାଙ୍କ   ଦେଲେ ଅଶ୍ୱାସନ
କହିବ ଉପାୟଟିଏ,

ସେହି ଅନୁସାରେ   କରିଲେ କରମ
    ଘଟାଇବ ଦୁଃଖ କିଏ ?
କଳିଙ୍ଗେ 'ଚନ୍ଦ୍ରା'କୁ   ଲଭିବ ସତ୍ୱରେ
    ହୋଇବ ରାଜଶ୍ରୀଯୁତ,
"ମାନବ-ମାନବୀ   ନାମ ଜପୁଥିବେ
    ଘୋଷୁଥିବ ପୁଣ୍ୟବୃତ୍ତ ।
ଏ ବନେ 'ଶନି'ର   ନାହିଁ ଅଧିକାର
    ସୁଖେ ଅବସ୍ଥାନ କର,
ଆଶ୍ରମ ବାହାରେ   ଗଲେ 'ଶନି'-କୋପ
    ପଡ଼ିବ ଥରକୁ ଥର ।"
କଳିଙ୍ଗେ 'ଶ୍ରୀବତ୍ସ'   ସୁରଭୀର ପୟଃ
    ପିଉଥାନ୍ତି କରପୁଟେ,
'ଶନି'ର ଅନ୍ତର   ହେଉଥାଏ ତହିଁ
    ଦିଶୁଁ ପ୍ରାଣ ଯେହ୍ନେ ଛୁଟେ ।
ସୁରଭୀ ପାରୁଶେ   ରହି ଚିନ୍ତା ନାଶି
    ଆଦରିଲେ ସେବା ବ୍ରତ,
ଅକ୍ଷୟ-ଆଶିଷ   ଲଭି ନିତ ନିତ
    ଭଜିଲେ ସେ ଦେବ-ସତ୍ତ୍ୱ ।
ସୁରଭୀର 'କ୍ଷୀର—   ଧାରେ ସ୍ୱର୍ଣ୍ଣରେଣୁ
    ହୁଅଇ କର୍ଦ୍ଦମମୟ,
ଖଣ୍ଡିଏ ଖଣ୍ଡିଏ   'ଇଟା' ଗଢ଼ି ଦେଲେ
    ଦଶଇ ସେ ଅଭିମନ୍ୟୁ;
ଅଟେ ରାଜା ବନ୍ଧୁ   ଇଟା ଗଢ଼ି ସାରି
    ଚିନ୍ତା କଲେ ମନେ ମନେ,

ଛକିଲେ ଏହାକୁ   ପାଇବ ଅଧିକ
ଅଭାବ ନ ହେବ ଧନେ
କେଉଁ ଅଚଡ଼େ ଦେଶେ   ବିକିବ କାହାକୁ
କିଏ ବା ଏହା କିଣିବ ?
ଜାଣିନାହିଁ ମୁହିଁ   ଉଚିତ ଏହା ମୂଲ୍ୟ
କିଏ କେତେ ମୋତେ ଦେବ ?
ବୁଦ୍ଧି ଏ ପାଞ୍ଚିଣ   ଗଲେ ନଦୀ କୂଳେ
ବସିଲେ ପୋତକୁ ଗୃହିଁ,
ସଉଦାଗରଙ୍କୁ   ଡାକିଲେ ସାଦରେ
ନିଅ ଏ ଦ୍ରବ୍ୟ ମୂଲାଇ ।
ନ ଗୃହିଁଲେ କେହି ଚଳିଲେ ଯେ କେଣେ
ଆପଣା ନଉକା ବାହି ?
ବସି ବସି ରଜା   ହୋଇଲେ ଅବଶ
କେହି କିଣୁ ଅଛୁନାହିଁ
ଦୈବେ ସୌଦାଗର   ନାବଟିଏ ଘେନ
ମିଳିଲା ଆସି ସେ ଘାଟେ,
ଦେଖି 'ସୁନା ଇଟା'   ଲୋଭ ବଳାଇଲା
ନେଇଯିବ କେଉଁ ବାଟେ ?
କିଣ କିଣ କରି   ଲୋକ ପଠାଇଣ
ଇଟା ସବୁ ବୋହିନେଲା,
'ଶ୍ରୀବତ୍ସ'ଙ୍କୁ ଅଣି   ଅବଶେଷେ ପୁଣି
'ନଦୀ-ଜଳ' ଠେଲି ଦେଲା ।
ଛକେ ସେ କାନ୍ଦିଲେ, 'ଚନ୍ଦ୍ରା' 'ଚନ୍ଦ୍ରା' ବୋଲି
ଦେଖାଦିଅ ମୋତେ ବାରେ ।

ରାଜ୍ୟ-ଧନ ଛାଡ଼ି ପତ୍ନୀ ହରାଇଲି
	ବୁଡ଼ମଲି ମୁଁ ଏଠାରେ ।
ବନ୍ଧନ ଯେ 'ଚନ୍ଦ୍ରା' ଥିଲେ ସେହି ନାବେ
	ଶୁଣି ଆର୍ତ୍ତ-କଣ୍ଠ-ସ୍ୱର,
ଉଦ୍ଧାରିବା ପାଇଁ ମାଣ୍ଡିଟିଏ ଜଣେ
	ପକାଇ ଦେଲେ ସତ୍ୱର ।
ପାଗଳିନୀ ପ୍ରାୟେ ଆପେ ଡେଇଁବାକୁ
	ହୋଇଲେ ଜଳେ ଉଦ୍ୟତ,
ହସ୍ତ ପଦେ ସବୁ ଟିକୁଳି ଲଗିଛି
	ଯିବାକୁ ନାହିଁ ଆୟତ୍ତ ।
ଚଛକୁ ଗୃହିଣ ଦେଖିଲେ 'ଶ୍ରୀବତ୍ସ'
	ସନ୍ତରନ୍ତି ମାଣ୍ଡି ଧରି,
ପୂର୍ବ କଥାକୁ ଝୁରୁଥାନ୍ତି କେତେ—
	କେତେ ସୁମରି ସୁମରି !
ଭାସି ଭାସି ରଜା ବଡ଼ ଦୁଃଖେ ପରେ
	ମିଳିଲେ ସଉତିପୁରେ,
ଭିକ୍ଷୁକ ବେଶରେ ମାଳଣୀର ଘରେ
	ରହିଲେ ସେ କିଛି ଦୂରେ ।
ସଉତି ପୁରର ରାଜ-କନ୍ୟା "ଭଦ୍ରା"
	ଅଟେ ବଡ଼ ସୁ-ଲକ୍ଷଣୀ,
ରୂପେ ଗୁଣେ କେହି ନାହିଁ କଳିବାକୁ
	ପଡ଼ିଅଛି ଚଦ୍ୟା ଘୂର ।
ତାର ସ୍ୱୟମ୍ବର— ସଭା ଲାଗିଅଛି
	ଆସିଛନ୍ତି କେତେ ରଜା,

ବର ପଣେ ଆସି   ବରଣ ପାଇବ
କରଛନ୍ତି ନାନା ସଜ୍ଜା ।
ଛଦ୍ମ-ବେଶ-ଧାରୀ-   'ଶ୍ରୀବତ୍ସ' ସେଠାରେ
ମିଳିଲେ ସଭା ବାହାରେ,
ଦେଖିଲେ ସଭାରେ   ଘଟଣାନଚମ୍ଭ
ଯେତେ ଯେତେ ପରକାରେ ।
ବିଧିର ବିଧାନେ   "ବରମାଲ୍ୟ" 'ଭଦ୍ରା'
ଗଳାଇଲେ ତାଙ୍କ ଗଳେ,
ପତ୍ନୀ ରୂପେ କରି   ପତି ସେବା କରି
"ପତିଭକ୍ତି" କଲେ ବଳେ ।
ରାଜ-କନ୍ୟା ବୋଲି   ହୋଇଲେ କି ହେବ
କରମ ନ ଥିଲେ ସିଧା ?
ଲଙ୍ଘଇ ମାନବ   ସ୍ୱର୍ଣ୍ଣ-ଅଟ୍ଟାଳିକା
ବିଧି କରେ ତାହା ଦ୍ୱିଧା ।
'ଶନି'ର ପ୍ରକୋପେ   ନ ହୋଇଲା ସୁଖ
ନ ରହିଲେ ବେଶି ଦିନ,
ରାଜା, ରାଜ-କନ୍ୟା-   ଜାମାତା ବେନିଙ୍କୁ
ତଡ଼ିଦେଲେ କରି ହୀନ ।
ରାଣୀ ପରସାଦେ   ଚଳିଲେ ସେ ଦୁହେଁ
ସାମାନ୍ୟ ଲୋକଙ୍କ ପରି,
ଦୁଃଖୀର ଅତଙ୍କ   କରିବାକୁ ଦୂର
ଭିଂବେ ଅଛନ୍ତି ଶ୍ରୀହରି ।
ଦେଖିଲେ, 'ଶ୍ରୀବତ୍ସ'   ଦ୍ୱାଦଶ-ବରଷ
ହୋଇତ ଗଲାଣି ଗତ,

ଦଶମ ସର୍ଗ ।

ଏତ ନାହିଁ 'ଶନି' ତଥାପି ପ୍ରକୋପ
ବିମୁଖ ହୁଏ ସତତ;
'ଚନ୍ଦ୍ରା' ପରପତି- ପାଇଁ ଝୁରୁଥାନ୍ତି
ସତତ 'ନୃପ' ଅନ୍ତରେ,
କାକୁତି ମିନତି କରି 'ଶନି' ପାଶେ
ଜଣାନ୍ତି କେତେ ଭାବରେ ?
କରପୁଟେ ତାଙ୍କୁ କ୍ଷମା ନିବେଦିଲେ
ଢୋଇଣ ଊର୍ଦ୍ଧ୍ୱ-ନୟନ,
"ରାଜ୍ୟ-ଧନ ପ୍ରଭୁ, ଲୋଡ଼େଁ ନାହିଁ କିଛି
ଦିଅ ମୋ ପତି ବନ୍ଧନ ।"

ଏକାଦଶ ସର୍ଗ ।

ବଡ଼-ବଣି 'ଚନ୍ଦ୍ରା' ସଉଦାଗରର
ଭାବେ ଚିନ୍ତା କରୁଥିଲେ,
'ଶ୍ରୀବତ୍ସ'ଙ୍କ ପାଇଁ ପ୍ରାଣେ ଶାନ୍ତି ନାହିଁ
ନିତି ତାଙ୍କୁ ଭଜୁଥିଲେ ।
କାତର ପରାଣେ ଡାକିଲେ 'ଶନି'ଙ୍କୁ,
"ନ ଦିଅ ଆଉ ଏ ଦୁଃଖ,
ରକ୍ଷି ସତୀ-ଧର୍ମ ଦେଇ 'ଶ୍ରୀବତ୍ସ'ଙ୍କୁ
ଦିଅ ମୋ ଜୀବନେ ସୁଖ ।

ଘାଟରେ 'ଶ୍ରୀବତ୍ସ' ବସି ଘାଟ-କର
ନେଉଥିଲେ ସେ ଉଚିତ,
ମହାଜନ-ପୁଅ ନଉକା ଦଇବେ
ଘାଟେ ହେଲା ଉପସ୍ଥିତ ।
ଭାଷିଲେ, "ଏ ମୋର 'ସ୍ୱର୍ଣ୍ଣଇଟା' ନେଇ
ଠେଲି ଦେଇଥିଲା ଜଳେ,
ଉଦ୍ଦେଶ୍ୟ ସାଧନ କରିବାକୁ ମନେ
ମନ-ପ୍ରାଣ ମୋର ବଳେ ।
ନାବ ଅଟକାଇ ନାବୁଁ ଇଟାମାନ
ଅଣାଇଲେ ଗଣି ଗଣି,
କହିଲେ, "ତୋ ଲାଗି ରାଜାଙ୍କ ଛାମୁରେ
ଘେନିବ ମୁଁ ପଛେ ଫାଶି ।"

ମହାଜନ ପୁଅ   ରାଜାଙ୍କ ସମୀପେ
    କଲା ତା'ର ଆବେଦନ;
ରାଜ ଦୂତେ ଆସି   ଶ୍ରୀବତ୍ସଙ୍କୁ ଧରି
    ନେଲେ ପୁଣି ରାଜଭବନ ।
ବନ୍ଦିନୀ 'ଚିନ୍ତା'ଙ୍କୁ   ଥାଇ ନାବ ମଧ୍ୟେ
    ଦେଖିଲେ ନବ ବିପଦ,
କେଣେ ଗଲ ପ୍ରଭୁ   ଛାଡ଼ିଣ 'ଶ୍ରୀବତ୍ସ'
    ଜୀବନ କର ଅପଦ !
"ଭୟ ନାହିଁ" ପ୍ରିୟେ !   ଭାଷିଲେ 'ଶ୍ରୀବତ୍ସ'
    ଦେଲେ ତାଙ୍କୁ ଆଶ୍ୱାସନା,
"ଏ ଦୁଷ୍ଟ ବଣିକେ   ଦଣ୍ଡି ନୃପ ପାଶେ
    ପୂରାଇବି ମୋ କାମନା ।"
ସେ ସାନ୍ତ୍ୱନା ବାଣୀ   ନ ଶୁଣି ତରୁଣୀ
    ଥିବାରୁ ବହୁତ ଦୂରେ,
କାନ୍ଦିଲେ ବିକଳେ   ଧ୍ୟାୟି 'ଶନି' ଗ୍ରହେ
    ଶନି-ସ୍ତୁତି ମୁଖୁ ସ୍ଫୁରେ ।
ଅନୁଚିତ କର୍ମ   ଶୁଣି ଦାମୋଦର
    ନୃପ ହେଲେ କୋପଭର ।
ସ୍ୱର୍ଣ୍ଣ-ଇଟା କଥା   ପୁଚ୍ଛାକଲେ ତାଙ୍କୁ
    କହ ଏ କିସ ତୁମ୍ଭର ?
'ଶ୍ରୀବତ୍ସ' ବର୍ଣ୍ଣିଲେ   ଘଟଣା ସକଳ,
    'ସ୍ୱର୍ଣ୍ଣ-ଇଟା' ଅପଣାର,
ଜଣାଇ ଶେଷରେ   ପ୍ରମାଣ ମାଗିଲେ
    ଠିକ କର ଇଟା ଭବ ।

"ଯେ ଜନ ଖଣ୍ଡିବ ଇଚ୍ଛା ବେଲ ଖଣ୍ଡ
କରିଦେବ ନିଜକରେ
ତାହାର ସେ ଇଚ୍ଛା, ଏତେ କହିଁ ହଠା
ଲଭିଥିବ ପରିଶ୍ରମେ ।"
ବହୁ ଯତ୍ନ କଲା ମହାଜନ ପୁଅ
କରିବାକୁ ଦ୍ୱି-ଖଣ୍ଡିତ,
କେବଣ ପ୍ରକାରେ ନପାରିଲା ଏହା
ହୋଇଲା ମର୍ମେ ପୀଡ଼ିତ ।
ଏ ଅନ୍ତେ ଖଣ୍ଡିକ ବେଲ ଖଣ୍ଡ କରି
ଥୋଇଣ ଦେଲେ 'ଶ୍ରୀବତ୍ସ'
ରାଜା-ପ୍ରଜା ମେଳ ସକଳେ ବୋଇଲେ,
"ସଉଦାଗର ଶ୍ରୀବତ୍ସ" ।
'ଶ୍ରୀବତ୍ସ'ଙ୍କ ଅତି— ପରିଚୟ ପାଇ—
ପଚାରିଲେ ମହୀପାଳ,
"କି 'ସୁଲୁଚ ଦଳେ ବହୁ କଷ୍ଟ ସହ
ରହୁଅଛ ଏତେ କାଳ ?"
କର ଯୋଡ଼ି ତାଙ୍କୁ ଜଣାଇଲେ, "ପ୍ରଭୁ,
ଜୀବନେ ସହାୟ 'ଚିନ୍ତା ।
ପ୍ରାଣର ସଙ୍ଗିନୀ ମୋ ଦୁଃଖ ଭଗିନୀ
ମନୁ ଦୂର କରେ ଚିନ୍ତା' ।
ଏହି ବଣିକର ନୌକାରେ ବନ୍ଦିନୀ
ଅଛି ସେ ସତୀ ରମଣୀ !
ଦୟାଳୁ ସଦୟେ ମୁକୁଳାଇ ତାଙ୍କୁ
ରଖନ୍ତୁ ତା ନାମ ଧରଣୀ ।"

'ଭଦ୍ରା' ପିତା ରାଜା— ବାନ୍ଧବଙ୍କ ଆଦେଶ
ଗଲେ ଚନ୍ଦ୍ରା ଉଦ୍ଧାରିବେ,
ରାଜଦୂତଙ୍କ ସଙ୍ଗେ ପଥ ଦେଖାଇଲେ
ଛଳବେଶେ କେଉଁ ପଥେ ଯିବେ ?
ଅସନ୍ଧ-ବିପଦ ଦେଖି ଚନ୍ଦ୍ରାଦେବୀ
ଚକିଲେ ରୋଦନ କଲେ,
'ଶ୍ରୀବସ୍ତଙ୍କ' ନାମ ଧରଣ ସୁନ୍ଦରୀ
ଗୁହୁଁ ଗୁହୁଁ ମୂର୍ଚ୍ଛାଗଲେ ।
ପ୍ରବୋଧି ରାଜନ କଲେ ପ୍ରଶମନ
ଭୟ ନ କର ଗୋ-ମାତ !
'ଶ୍ରୀବସ୍ତ' ମିଳନ କରାଇବା ପାଇଁ
ନେବ ଅସିଛୁ ତୋ ତାତ ।
'ଚନ୍ଦ୍ରା' ପ୍ରାଣେ ଆଶା ହୋଇଲା ସଞ୍ଚାର
ଅଛନ୍ତି କ ସତେ କାନ୍ତ !
ଆନନ୍ଦେ ଭାଷିଲେ ବୋଲ, "ସତ","ସତ"
ନହୋଇଛି ମୋତେ ଭ୍ରାନ୍ତ ।
ରୁଗ୍ଣା-ଶୀର୍ଣ୍ଣା-ଚନ୍ଦ୍ରା ଉଠି ନ ପାରଇ
ବନ୍ଧା ହୋଇଛି ଶୃଙ୍ଖଳେ,
ଧୀରେ ଧୀରେ ରାଜା ଫେଡ଼ିବାରୁ ତାହା
କାନ୍ଦିଲେ ଧନୀ ଚକିଲେ ।
ନ ପରଶ ଗାତ୍ର, ସ୍ନେହମୟୀ ତାତ,
ମୁଁ କୁଷ୍ଠ-ରୋଗେ ଗଳିତ ।
ନିଜେ ଶେଯୁଁ ଉଠି ବୋଲନ୍ତି ବଚନ
କର ମୋ ପତି ମିଳନ ।

ପୁଙ୍ଗରୁ ରାଜାଙ୍କ ଶିବିକା ସେଠାରୁ
କରିଥିଲେ ଅନୟନ,
ଯିବେ ବୋଲି 'ଚନ୍ଦ୍ରା' ବିବିଧ ପ୍ରକାର
କରିଥିଲେ ଅୟୋଜନ ।
ଶିବିକାରେ ଚନ୍ଦ୍ରା ଯିବେ ନିଷେଧିଲେ
ପାଦେ ଚାଲି ଯିବି ପିତଃ !
ନ କରାଅ ମୋତେ ଯାନ ବାହନରେ
ନ ଯିବି ମୁଁ କଦାଚିତ ?
ପଦବ୍ରଜେ ଯାଇଁ ରାଜ ଦରବାରେ
ମିଳଲେ କଷ୍ଟେ ବହନ,
ଦେଖି 'ଶ୍ରୀବତ୍ସ'ଙ୍କୁ ପଡ଼ିଲେ ଚରଣେ
ହୋଇଲା ସୁଖେ ମିଳନ !
'ଶ୍ରୀବତ୍ସ' ଚନ୍ଦ୍ରାଙ୍କୁ ସଜଳ—ନୟନେ
ଦେଖି ହେଲେ ଅଚମ୍ଭିତ,
କୁଷ୍ଠ-କ୍ଲିଷ୍ଟ-ବ୍ୟାଧି କାରଣ ପଚାରି
ସାନ୍ତ୍ୱନା ଦେଲେ ତ୍ୱରିତ ।
'ଚନ୍ଦ୍ରା' ପତି ପାଶେ ଅତୀତ ଘଟଣା
ସକଳ କଲେ ବର୍ଣ୍ଣନା,
ସତୀ ବ୍ରତ ରକ୍ଷା— ବର ଅଣିଥିଲି
କରି ସୂର୍ଯ୍ୟେ ଆରାଧନା ।
ନିଜ ଇଚ୍ଛାବଳେ କୁଷ୍ଠ-ବ୍ୟାଧି ମୁହିଁ
ଭୋଗୁଅଛି ଏ ଜୀବନେ !
ଯେ ଦେଇଛି ରୋଗ ସେହି ପୁଣି ନେବ
ଭାବନା ନ କର ମନେ ।

କର ଯୋଡ଼ି ସୂର୍ଯ୍ୟ— ଦେବଙ୍କୁ ଡ଼ାକିଲେ
"ରୋଗ ମୁକ୍ତ ମୋର କର !"
ଏ ପତିତା ଦାସୀ ତବ ପରସାଦୁଁ
ଲଭିଲା ଅଭୟ ବର ।
ସୁପ୍ରସନ୍ନେ ରବି ଡ଼ାକିଲେ ଆଶିଷ
ଅକ୍ଷୟ ଯଶ ତୁ ଲଭ,
ତୋହର କୀରତି ଗାଇବେ ଜଗତେ
ଭକ୍ତି ତୁ ସଙ୍ଗ ବିଭବ ।
ସଭାର ମଣ୍ଡପେ ଦେଖିଣ ଏସନ
ହେଲେ ସକଳେ ଚକିତ,
'ଶ୍ରୀବତ୍ସ' 'ଚିନ୍ତା'ଙ୍କୁ 'ଚିନ୍ତା' 'ଶ୍ରୀବତ୍ସ'ଙ୍କୁ
ପାଇ ହେଲେ ଆନନ୍ଦିତ ।
ଧନ୍ୟ ଧନ୍ୟ 'ଚିନ୍ତା' ଧନ୍ୟ ତୁମ୍ଭ ପ୍ରାଣ
ଦେଲ ସତୀତ୍ୱ ପରୀକ୍ଷା ।
ଏ ନାରୀ ସମାଜେ ଶିଖି ତୁମ୍ଭ ଶିକ୍ଷା
ପାଳିବେ ତୁମ୍ଭର ଦୀକ୍ଷା !
'ଶ୍ରୀବତ୍ସ 'ଚିନ୍ତା'ଙ୍କୁ 'ବାହୁବଳ' ରାଜ-
ସିଂହାସନେ ବସାଇଲେ,
ନବ ନବ ବେଶ ନବ ଶାଢ଼ି ସାଜ
ରତ୍ନ-ଭୂଷା ପିନ୍ଧାଇଲେ ।
ଅଜଣା ଅଶୁଣା ଯୋଗୁଁ "ଶ୍ରୀବତ୍ସ'ଙ୍କ—
ପ୍ରତି, ଯେ ଅନ୍ୟାୟ ଥିଲା
ନିଜେ ନିଜେ ରାଜା ନିଜ ଦୋଷ କ୍ଷମା
ମାଗିଲେ ଯା' ଘଟିଥିଲା ।

ଅନ୍ତଃପୁରୁଁ 'ଭଦ୍ରା' ଆସିଲେ ତୁରିତ
ପଡ଼ିଲେ 'ଚିନ୍ତା' ଚରଣେ,
ତାଙ୍କ ପଦ-ଧୂଳି ଥୋଇଣ ମସ୍ତକେ
ପଶିଲେ ସଖୀ—ଶରଣେ ।
କହିଲେ, "ଭଉଣି ! ତୁମରି ମୁଁ ଦାସୀ !
ଆଶୀର୍ବାଦ ମୋତେ କର ।
ତୁମ୍ଭର ସହିତେ ସ୍ୱାମୀ ପଦ ସେବା
କରିବି ମୁଁ ନିରନ୍ତର ।"
ସ୍ନେହଭରେ 'ଚିନ୍ତା' ଆଲିଙ୍ଗି ତକ୍ଷଣେ
ବସାଇଲେ ନେଇ କୋଳେ,
ସଭା ମଣ୍ଡପେ ଯେ ଥିଲେ ସଭାସଦ
ମାତିଲେ ଆନନ୍ଦ-ହିଲ୍ଲୋଳେ ।
ଏହି ଅବସରେ ପରବେଶି 'ଶନି'
ନିଜବଳ ପ୍ରକାଶିଲେ,
'ଶ୍ରୀବତ୍ସ' ଅମାନ୍ୟ କରିଥିବା ଯୋଗୁଁ
ଏ ମନ୍ଦ ଦଶା ଲଭିଲେ !
ସଭ୍ୟବୃନ୍ଦ ମିଳି 'ଶ୍ରୀବତ୍ସ' ସହିତେ
ପାଠକଲେ ଶନି-ସ୍ତବ,
ତେଣୁ ସେ ପ୍ରସନ୍ନ— ହୋଇ, ଦେଲେ ବର
ଭକ୍ତେ ଲଭି ଗଉରବ ।
"ତୁମ୍ଭେ ତୁମ୍ଭ ରାଜ୍ୟ— ସମ୍ପଦ ପାଇବ
ଥିଲା ଯେପରି ସେପରି;
ସ୍ୱଚ୍ଛନ୍ଦେ ଚଳିବ ଚିରକାଳ ଯାଏ
ଶଚୀ ଶଚୀପତି ପରି;

ଶତ ପୁତ୍ର କନ୍ୟା ଲଭି ବସୁଧାରେ
ରଖାଅ ତୁମ୍ଭ କୀରତ,
ଅନ୍ତେ ବଇକୁଣ୍ଠେ ମିଳବ ଅସ୍ଥାନ
ହୋଇବ ମୋକ୍ଷ ପ୍ରାପତ ।
ଆଜ ତୁମ୍ଭ ବ୍ରତ ହୋଇଲା ପ୍ରସନ୍ନ
ଦେଲି ମୁଁ ଅକ୍ଷୟ ବର ।
ଯେ ତୁମ୍ଭର ନାମ ଧରିବ ସନ୍ତତ
ନ ଥିବ କୋପ ଆମ୍ଭର ?"
ଏଥିଅନ୍ତେ 'ଶନି' ହେଲେ ତିରୋହିତ
ଚଳିଲେ ଆପଣା ସ୍ଥାନ,
'ଚିନ୍ତା' 'ଭଦ୍ରା' ଦୁହେଁ ଶ୍ରୀବତ୍ସ ସହିତେ
ଭୋଗିଲେ ସୁଖ-ସମ୍ମାନ ।
ଜାତ ହେଲା ସ୍ନେହ 'ଚିନ୍ତା' 'ଭଦ୍ରା' ମଧ୍ୟେ
ଯେସନ ସହୋଦରା ପରି,
ଦୁହେଁ ମିଳି ମିଶି ଭୁଲି ନିଜ ଦୁଃଖ
ହେଲେ ସଙ୍ଗ-ସହଚରୀ;
'ଶନି'ର ଅଭୟ— ରାଣୀ ପୁଷ୍ଟି ହେଲେ
ପୁତ୍ର କନ୍ୟା ଜନମିଲେ;
'ଶ୍ରୀବତ୍ସ' ଆପଣା କର୍ମ ଧର୍ମ ସାର
ହରିନାମ ସୁମରିଲେ ।
ପଛ ଆଉ 'ଚିନ୍ତା' ସପତ୍ନୀ ସହ
ଚଳିଲେ ସ୍ୱରଗ ଧାମ,

ଯଉ ପୁଣ୍ୟ କଳ୍ପା   ଗୁଢ଼ ଇନ୍ଦ୍ରଲୋକେ
ମାଇଲେ ସକଳ କାମ ।
ସତୀ-ଶିରୋମଣି   ସାଧ୍ୱୀ 'ଚନ୍ଦ୍ରମଣି'
ଭବେ ଆଦର୍ଶ ରମଣୀ,
ଏ ନାରୀ-ସମାଜେ   ପାଳ ତାଙ୍କ ବ୍ରତ
ହୁଅନ୍ତୁ ଶୁଦ୍ଧ ଘରଣୀ ।

ସମାପ୍ତ ।

DBA000002236ORI

1705

Printed by B.S. Das, Mukur Press, Cuttack 1921